

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୨ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 FEBRUARY 2024

Vol.No. 35 ■ No.51 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାରବାଟୀ ଷ୍ଟାଡିୟମର ହେବ ନବ କଳେବର

ଭୁବନେଶ୍ୱର, ୨୧/୨ (ନି.ପ୍ର): ଭଙ୍ଗାଯିବ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ। ଏନେଇ ସୂଚନା ଦେଇଛନ୍ତି ଓସିଏ ସଂପାଦକ ସଂଜୟ ବେହେରା। ଷ୍ଟାଡିୟମ୍ କୁ ଭଙ୍ଗାଯାଇ ବିଶ୍ୱସ୍ତରୀୟ ଷ୍ଟାଡିୟମରେ ପରିଣତ କରାଯିବ।

ଓସିଏ ସଂପାଦକ ସଂଜୟ ବେହେରା କହିଛନ୍ତି, ବାରବାଟୀର ଯେଉଁ ଜମି ସମସ୍ୟା ଅଛି, ଡିଜାଇନରେ ତ୍ରୁଟି ଅଛି, ତାକୁ ସୁଧୁରା ଯାଇ ନିର୍ମିତ ହେବ ନୂଆ ବିରାଟ ସ୍ପୋର୍ଟସ୍ କଂପ୍ଲେକ୍ସ। ଏଥିରେ ଅତ୍ୟାଧୁନିକ ସୁବିଧା ମଧ୍ୟ ରହିବ। ୧୯୫୨ରେ ବାରବାଟୀର ତଳ ଅଂଶ ନିର୍ମିତ ହୋଇଥିଲା। ଏହା ବି ପୁରୁଣା ହେଲାଣି। ଆଗାମୀ ୫୦ବର୍ଷକୁ ଆଖି ଆଗରେ ରଖି ନୂଆ ଷ୍ଟାଡିୟମ ନିର୍ମାଣ କରାଯିବ। ଏବେର ଷ୍ଟାଡିୟମକୁ ନ ଭାଙ୍ଗିଲେ ତାହା ସମ୍ଭବ ହେବନି। ନୂଆ ଷ୍ଟାଡିୟମରେ ୬୦ ହଜାର ଦର୍ଶକ ବସି ଖେଳ ଦେଖିପାରିବ। ବିସିସିଆଇ, ଓସିଏ ଏବଂ ଓଡ଼ିଶା ସରକାର ମିଳିତ ଭାବେ ଏହି କାମ କରିବେ। ଯୋଜନା ପ୍ରସ୍ତୁତ କରିବାକୁ ଡେଲଏଟ୍ କମ୍ପାନିକୁ ଦାୟିତ୍ୱ ଦିଆଯାଇଛି। ୨ ମାସ ଭିତରେ ରିପୋର୍ଟ ଆସିବ। ବର୍ତମାନ ଷ୍ଟାଡିୟମ୍ ର ଦର୍ଶକ କ୍ଷମତା ୪୫ ହଜାର ରହିଛି। ସୂଚନାଯୋଗ୍ୟ ଯେ ବୁଧବାର ସକାଳୁ ୫-ଟି ଅଧକ୍ଷ ଭି କାର୍ତିକ ପାଣ୍ଡିଆନ ଷ୍ଟାଡିୟମ ବୁଲି ଦେଖିବା ପରେ ଓସିଏର ସମସ୍ତ କର୍ମକର୍ତାଙ୍କ ସହ ଆଲୋଚନା କରିବା ସହ ଷ୍ଟାଡିୟମର ସମସ୍ତ ଗ୍ୟାଲେରୀର ବ୍ଲୁ ପ୍ରିଂଟକୁ ତର୍ଜମା କରିଛନ୍ତି।

ଦିଲ୍ଲୀ ମୁହାଁ ଶହଶହ ଚାଷୀ

ଆଜିଠୁ ଜୋରଦାର ଦିଲ୍ଲୀ ଚଲୋ ଆନ୍ଦୋଳନ
ଶମ୍ଭୁ, ଟିକରୀ, କୌନରୀ ସୀମାରେ ପୁଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ

ନୂଆଦିଲ୍ଲୀ, ୨୧/୨ : ଶମ୍ଭୁ, ଗାଜିପୁର, ଚିଲ୍ଲା, କୌନରୀ ସୀମାରେ ଜମିଛି ଚାଷୀଙ୍କ ଭିଡ । ଦିଲ୍ଲୀ ମୁହାଁ ମାଳ ମାଳ ଚାଷୀ । ସରକାରଙ୍କ ସହ ୪ର୍ଥ ରାଉଣ୍ଡ ବୈଠକ ବିଫଳ ହେବା ପରେ ଚାଷୀଙ୍କ ଦିଲ୍ଲୀ ଚଲୋ ଆନ୍ଦୋଳନ ୨୧ ତାରିଖଠୁ ଆରମ୍ଭ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ସୀମାକୁ ସିଲ କରାଯିବା ସହ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ଆକାଶମାର୍ଗରୁ ଜଗିଛି ଡ୍ରୋନ । ରାଜପଥରେ ବଡ ବଡ ପଥର ଖଣ୍ଡ ରଖି ଚାଷୀଙ୍କ ଟ୍ରାକ୍ଟର, ଜେସିବି ଓ ଗାଡିକୁ ଅଟକ ରଖିବାକୁ ପ୍ରୟାସ କରାଯାଇଛି । ସେପଟେ ଲୁହା ତାରବାଡରେ ସମ୍ବେଦନଶୀଳ ସ୍ଥାନକୁ ଘେରାଯାଇଛି । ସେପଟେ ଆନ୍ଦୋଳନ ରୋକିବା ପାଇଁ ଲୁହାବୁହା ଗ୍ୟାସ ବ୍ୟବହାର, ଲାଠିଚାର୍ଜ କରାଯାଉଥିବା ଅଭିଯୋଗ କରୁଛନ୍ତି ଚାଷୀ । ଏଥିସହ ଚାଷୀ ନେତାଙ୍କ ନାଁରେ ଫର୍ଜୀ ସୋସିଆଲ ମିଡିଆ ଆକାଉଁଟ ଖୋଲି ସରକାର ମିଛ ଖବର ପ୍ରଚାର କରୁଥିବା ମଧ୍ୟ ଚାଷୀ ସଂଗଠନ ଅଭିଯୋଗ ଆଣିଛନ୍ତି । ୪ର୍ଥ ରାଉଣ୍ଡ ବୈଠକ ଫେଲ ମାରିବା ପରେ ପୁଣି ଚାଷୀଙ୍କ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ସରକାର । କୃଷି ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି, ଚାଷୀଙ୍କ ସହ ଆଲୋଚନା ପାଇଁ ସରକାର ପ୍ରସ୍ତୁତ । ଏମ୍ଏସ୍ପି, ଚାଷୀଙ୍କୁ ଗିରଫ ଓ ନଡା ପୋଡି ପ୍ରସଙ୍ଗ ସହ ସମସ୍ତ ଦାବି ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା କହିଛନ୍ତି କୃଷି ମନ୍ତ୍ରୀ ଅର୍ଜୁନ ମୁଣ୍ଡା । ଚାଷୀ ଆନ୍ଦୋଳନ ଉପରେ କେନ୍ଦ୍ର ଗୃହମନ୍ତ୍ରାଳୟ ନଜର ରଖିବା ସହ ପଂଜାବ ଓ ହରିଆଣା ପୁଲିସକୁ ହାଇଆଲର୍ଟରେ ରଖାଯାଇଛି । ସରକାର ଓ ଚାଷୀଙ୍କ ମଧ୍ୟରେ ରବିବାର ୪ର୍ଥ ରାଉଣ୍ଡ ବୈଠକ ବସିଥିଲା । ଚାଷୀଙ୍କ ଆଗରେ କେନ୍ଦ୍ର ସରକାର କିଛି ପ୍ରସ୍ତାବ ରଖିଥିଲେ ଯାହାକୁ ପ୍ରତ୍ୟାଖ୍ୟାନ କରିଥିଲେ ଚାଷୀ ସଂଗଠନ । ବୈଠକ ବିଫଳ ପରେ ଏବେ ଦିଲ୍ଲୀ ମୁହାଁ ଚାଷୀଙ୍କ ଆଗାମୀ ଆଭିମୁଖ୍ୟ ଉପରେ ନଜର ରହିଛି ।

ମହିଳା କଂଗ୍ରେସ ସହ ପୁଲିସର ଧସ୍ତାଧସ୍ତି

ଭୁବନେଶ୍ୱର, ୨୧/୨ (ନି.ପ୍ର): ଭୁବନେଶ୍ୱରରେ ମହିଳା କଂଗ୍ରେସ ସହ ପୁଲିସର ଧସ୍ତାଧସ୍ତି। ନବୀନ ନିବାସ ଯାଉଥିବା ମହିଳା କଂଗ୍ରେସ କର୍ମୀଙ୍କୁ ଅଶୋକନଗର ଠାରେ ପୁଲିସ ଅଟକାଇଥିଲା। ପୁଲିସ ବ୍ୟାରିକେଡ ଡେଇଁ ଆଗକୁ ଯିବାକୁ କଂଗ୍ରେସ କର୍ମୀ ଉଦ୍ୟମ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହା ପରେ ଆନ୍ଦୋଳନକାରୀ ମହିଳା କଂଗ୍ରେସ କର୍ମୀଙ୍କୁ ଗିରଫ କରିଥିଲା ପୁଲିସ। ଏହା ପୂର୍ବରୁ ମହିଳା କଂଗ୍ରେସ ସମାବେଶ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲା। ସର୍ବ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲମ୍ବା ତାଙ୍କ ଭାଷଣ ରେ କହିଥିଲେ ବିଜେଡି ଶାସନରେ ରାଜ୍ୟରେ ଅତ୍ୟାଚାର ଓ ଦୁଷ୍କର୍ମ ଘଟଣା ବଢ଼ିଛି। ସେହିପରି ନବୀନ ପଟ୍ଟନାୟକଙ୍କ ରିଟାୟାର୍ଡ ସମୟ ଆସିଯାଇଛି। ରାଜ୍ୟ ପରିବର୍ତ୍ତନ ଚାହୁଁଛି ବୋଲି ସେ କହିଛନ୍ତି।

ତାତିରୁ ମିଳିବ ଆଶ୍ୱସ୍ତି

ଭୁବନେଶ୍ୱର, ୨୧/୨ (ନି.ପ୍ର): ମାଘରେ ବାଘ ପରି ଖରା। ତାତିଗଲାଣି ଭୂଇଁ। ଅସ୍ତବ୍ୟସ୍ତ ହେଲାଣି ଜୀବନ ଯାତ୍ରା। ଏପରି ସ୍ଥିତିରେ ପାଣିପାଗକୁ ନେଇ ଆସିଛି ଭଲ ଖବର। ଆଗାମୀ ୨୨ରୁ ୨୬ ତାରିଖ ଯାଏଁ ରାଜ୍ୟର କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏନେଇ ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଜି ପରି ଆସନ୍ତାକାଲି ଉପକୂଳ ଓଡ଼ିଶାରେ ତାତି ଅନୁଭୂତ ହେବ। ଆଗାମୀ ୪ରୁ ୫ ଦିନ ଯାଏଁ ରାଜ୍ୟ ଅଧିକାଂଶ ଜିଲ୍ଲାରେ ରାତିର ତାପମାତ୍ରା ସ୍ୱଭାବିକଠାରୁ ଅଧିକ ରହିବ। କାରଣ ୨୨ ତାରିଖରେ ରାଜ୍ୟରେ କେତେକ ସ୍ଥାନରେ ବର୍ଷା ହେବ। ୨୩ ଓ ୨୪ ତାରିଖରେ ଉପକୂଳ ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ବର୍ଷାହେବା ନେଇ ପୂର୍ବାନୁମାନ କରାଯାଇଛି।

▶▶ପୃଷ୍ଠା ୭

ଆଜି ଓଡ଼ିଶା ଆସୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ



ଭୁବନେଶ୍ୱର, ୨୧/୨ (ନି.ପ୍ର): ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଦିନିକିଆ ଗସ୍ତରେ ଆସି ରାଜନାଥ ସିଂହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେ ନବରଙ୍ଗପୁର ଓ ବ୍ରହ୍ମପୁରରେ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ସାମିଲ ହେବେ। ପରେ ବାରିପଦାରେ ସାଧାରଣ ସଭାରେ ଉଦବୋଧନ ଦେବେ। ଏ ନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ରାଜନାଥ ସିଂହ ଆସନ୍ତାକାଲି ଦିନି ୧୧ଟା ୪୦ରେ ଛତିଶଗଡ଼ର ବସ୍ତରରୁ ଆସି ନବରଙ୍ଗପୁରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ସେଠାରେ ସେନାର ପୂର୍ବତନ ଅଧିକାରୀ ଓ ଯବାନଙ୍କୁ ଭେଟି ଆଲୋଚନା କରିବେ। ପରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବେ।

ପଦ୍ମ ଧରିଲେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର, ୨୧/୨ (ନି.ପ୍ର): ସବୁ ଚର୍ଚ୍ଚାର ଅନ୍ତ ଘଟିଛି । ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ ଆଜି ବିଜେପିରେ ମିଶିଛନ୍ତି। ପ୍ରଦୀପ ଓ ତାଙ୍କର କିଛି ସମର୍ଥକ ଆଜି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ବିଜେପିର ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ବିଜେପିରେ ସାମିଲ ହୋଇଛନ୍ତି। ପ୍ରଦୀପ ବିଜେପିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ଆଜି ସେହି ଚର୍ଚ୍ଚାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ୨୦୨୦ ମସିହା ନଭେମ୍ବର ୨୦ ତାରିଖରେ ଜନ ବିରୋଧୀ କାର୍ଯ୍ୟ ପାଇଁ ପ୍ରଦୀପଙ୍କୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିଲା। ପ୍ରଦୀପଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଥିବା ନେଇ ଦଳ ପକ୍ଷରୁ ପ୍ରେସ୍ ରିଲିଜ୍ ଜାରି କରାଯାଇଥିଲା। ଆଜି ବିଜେପିରେ ଯୋଗଦେବା ପରେ ବିଜେଡି ଉପରେ ବର୍ଷିଛନ୍ତି ପ୍ରଦୀପ। ସେ କହିଛନ୍ତି - ଓଡ଼ିଶାରେ

▶▶ପୃଷ୍ଠା ୭

ୟୁପିରେ କଂଗ୍ରେସକୁ ୧୭ ଆସନ, ୬୩ଟି ସ୍ଥାନରେ ଲଢ଼ିବ ସପା

ନୂଆଦିଲ୍ଲୀ, ୨୧/୨ : ଦେଶର ସବୁଠାରୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶରେ ଦେଶର ସର୍ବପୁରାତନ ରାଜନୀତିକ ଦଳ କଂଗ୍ରେସ କେବଳ ୧୭ଟି ଲୋକସଭା ଆସନରେ ପ୍ରାର୍ଥୀ ଦେବ। ବାକି ୬୩ଟି ଲୋକସଭା ଆସନରେ ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ଓ ଇଣ୍ଡିଆ ମେଣ୍ଟରେ ଥିବା ଅନ୍ୟ ଦଳଗୁଡ଼ିକ ଲଢ଼େଇ କରିବେ। ଦୁଇ ଦଳ ମଧ୍ୟରେ ସିଟ ଶେୟାରିଂକୁ ନେଇ ଚାଲିଥିବା ଅଙ୍କକଷାରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଦୁଇ ଦଳ ଆସନ୍ତା ଲୋକସଭା ନିର୍ବାଚନ ଏକାଠି ଲଢ଼ିବେ ବୋଲି ଡିଲ ଫାଇନାଲ କରିଛନ୍ତି। ପ୍ରଥମଥର ପାଇଁ ଇଣ୍ଡିଆ ମେଣ୍ଟରେ ଥିବା ଦୁଇ ଦଳ ମଧ୍ୟରେ କୌଣସି ରାଜ୍ୟରେ ସିଟ ଶେୟାରିଂ ଫର୍ମୁଲା କାର୍ଯ୍ୟକାରୀ ହୋଇଛି। ମେଣ୍ଟ ସମ୍ପର୍କରେ ସୂଚନା ଦେଇ ଉତ୍ତର ପ୍ରଦେଶର କଂଗ୍ରେସ ପ୍ରଭାରୀ ଅଭିନାଶ ପାଣ୍ଡେ କହିଛନ୍ତି, "ମୁଁ ଆପଣମାନଙ୍କୁ

▶▶ପୃଷ୍ଠା ୭

ରାଜ୍ୟ ସରକାର ପ୍ରତ୍ୟାହାର କରିବେ ୪୮୦୧୮ ମାମଲା

ଭୁବନେଶ୍ୱର, ୨୧/୨ (ନି.ପ୍ର): ରାଜ୍ୟ ସରକାର ପ୍ରତ୍ୟାହାର ହେବ ୪୮୦୧୮ ମାମଲା। ଜନଜାତି ବର୍ଗର ଲୋକଙ୍କ ଉପରେ ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗରେ ଚାଲିଥିବା ମାମଲା ପ୍ରତ୍ୟାହର ପାଇଁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ ଜନଜାତି ବର୍ଗଙ୍କ ଉପରେ ଥିବା ମୋକଦ୍ଦମା ଗୁଡିକର ସମୀକ୍ଷା କରାଯାଇଥିଲା। ସେମାନଙ୍କ ବିରୋଧରେ ଚାଲିଥିବା ମୋକଦ୍ଦମା ଗୁଡିକର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ମୋଟ୍ ୪୮୦୧୮ଟି ଜଙ୍ଗଲ ଓ ଅବକାରୀ ସଂପର୍କିତ ମାମଲା ପ୍ରତ୍ୟାହୃତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

▶▶ପୃଷ୍ଠା ୭

ହାତ ଛାଡି ପଦ୍ମ ଧରିପାରନ୍ତି ନବଜୋତ ସିଂ ସିଦ୍ଧୁ!

ନୂଆଦିଲ୍ଲୀ, ୨୧/୨ : ବିଜେପିକୁ ଫେରିପାରନ୍ତି ନବଜୋତ ସିଂ ସିଦ୍ଧୁ। ଚର୍ଚ୍ଚା ହେଉଛି ସିଦ୍ଧୁ ପଦ୍ମ ଧରିବା ସହ ଦଳ ତାଙ୍କୁ ଅମୃତସର ଆସନ ଟିକେଟ ଦେଇପାରେ । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ପଂଜାବ ପ୍ରଦେଶ ବିଜେପି ମୁଖ୍ୟ ସୋମଦେବ ଶର୍ମା ଏନେଇ ଆଶିଂକ ସୂଚନା ଦେଇଛନ୍ତି । ସେପଟେ କଂଗ୍ରେସ ଏହି ଖବରକୁ ଖଣ୍ଡନ କରିଛି । ସେପଟେ ଗୁରୁଦାସପୁର ଲୋକସଭା ଆସନରେ ବିଜେପି ସନ୍ନି ଦେଓଲଙ୍କ ବଦଳରେ ଏଥରକ ପୂର୍ବତନ କ୍ରିକେଟର ଯୁବରାଜ ସିଂଙ୍କୁ ଟିକେଟ ଦେଇପାରେ । ନିକଟରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ଯୁବରାଜ ଭେଟିବା ପରେ ଦଳରେ ସାମିଲ ନେଇ ଚର୍ଚ୍ଚା ଜୋର ଧରିଛି । ଗୁରୁଦାସପୁର ଆସନରୁ ବିଜେପି ଲଗାତାର ସେଲିବ୍ରେଟି ଚେହେରାଙ୍କୁ ଟିକେଟ ଦେଇ ଆସୁଛି। ସନ୍ନି ଦେଓଲଙ୍କ ପୂର୍ବରୁ ଏହି ଆସନରୁ ଲଢ଼ିଥିଲେ ଦିବଂଗତ ଅଭିନେତା ବିନୋଦ ଖନ୍ନା ।

ପାକିସ୍ତାନରେ ସରିଫ-ଭୁଟ୍ଟୋ ମେଂଟ ସରକାର

ନୂଆଦିଲ୍ଲୀ, ୨୧/୨ : ପାକିସ୍ତାନରେ ପୁଣିଥରେ ଚାଲିବ ସରିଫ୍ ରାଜ । ଦ୍ୱିତୀୟ ଥର ପାଇଁ ପାକ୍ ପ୍ରଧାନମନ୍ତ୍ରୀ ହେବେ ପିଏମଏଲ-ଏନର ସେହବ୍ବାଜ ସରିଫ୍, ରାଷ୍ଟ୍ରପତି ଆସନରେ ବସିବେ ପିପିପିର ଆସିଫ ଅଲ୍ଲୀ ଜର୍ଦ୍ଦାରୀ। ନିର୍ବାଚନ ଫଳାଫଳର ଦେଢ ସପ୍ତାହ ପରେ ପାକିସ୍ତାନରେ ସରକାର ଗଠନ ନେଇ ଉଭୟ ଦଳଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି । ନୱାଜ ସରିଫଙ୍କ ଭାଇ ସେହବ୍ବାଜ୍ ସରିଫଙ୍କୁ ବିଲାୱଲ ଭୁଟ୍ଟୋ ପ୍ରଧାନମନ୍ତ୍ରୀ ଆସନରେ ବସିବାକୁ ବାଟ ଛାଡିଛନ୍ତି । ସେହିପରି ବିଲାୱଲଙ୍କ ବାପା ଆସିଫ୍ ଅଲ୍ଲୀ ଜର୍ଦ୍ଦାରୀ ରାଷ୍ଟ୍ରପତି ହେବା ପ୍ରସ୍ତାବରେ ରାଜି ହୋଇଛନ୍ତି ସରିଫ୍ ବ୍ରଦର୍ସ । ପୂର୍ବରୁ ୨୦୦୮ରୁ ୨୦୧୩ ଯାଏ ମଧ୍ୟ ପାକିସ୍ତାନର ରାଷ୍ଟ୍ରପତି ଥିଲେ ଆସିଫ ଅଲ୍ଲି ଜର୍ଦ୍ଦାରି ।

ବାଲେଶ୍ୱରରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୨୧/୨ (ନି.ପ୍ର): ଓଡ଼ିଶା ସରକାରଙ୍କର ଅନ୍ୟତମ ଲୋକାଭିମୁଖୀ ଯୋଜନା ଲକ୍ଷ୍ମୀ ବସ୍ ସେବାରେ ଯୋଡ଼ି ହୋଇଛି ବାଲେଶ୍ୱର ଜିଲ୍ଲା। ଆଜି ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ପଡିଆଠାରେ ଆୟୋଜିତ ସ୍ୱତନ୍ତ୍ର ଲୋକାର୍ପଣ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଛନ୍ତି ଓ ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀଯୁକ୍ତ ସ୍ୱରୂପ ଦାସ, ମାନ୍ୟବର ବିଧାୟକ ସିମୁଳିଆ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲା

▶▶ପୃଷ୍ଠା ୭

ପୁରୀ ଓ ବ୍ରହ୍ମଗିରିର ରାଜନୈତିକ ଚିତ୍ର ବିଚିତ୍ର ସ୍ଥିତିରେ

ପରିସ୍ଥିତି ଦେଖି ବିଜେଡ଼ି ମହିଳା ପ୍ରାର୍ଥୀ ଦେଇପାରେ

ପୁରୀ, ୨୧/୨ (ନି.ପ୍ର): ପୁରୀ ଜିଲ୍ଲାର ଦୁଇଟି ପ୍ରମୁଖ ନିର୍ବାଚନ ମଣ୍ଡଳି ଭାବେ ପୁରୀ ଓ ବ୍ରହ୍ମଗିରି ରାଜନୈତିକ ଦୃଷ୍ଟିରୁ ବେଶ ପ୍ରଭାବଶାଳି ଅଂଚଳ ଭାବେ ପରିଚିତ । ବ୍ରହ୍ମଗିରିରେ ଅତିତରେ ଲୁଲୁ, ସଞ୍ଜୟଙ୍କ ରାଜନୈତିକ ଲଢେଇ ରାଜ୍ୟରେ ଚର୍ଚ୍ଚା ହୋଇଥିଲା । ଗତ ନିର୍ବାଚନରେ ବିଜେଡ଼ି ବିଜେପି ଠାରୁ ଅଳ୍ପ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲା । ସେହିପରି ପୁରୀରେ ଦୀର୍ଘ ସମୟ ଧରି ବିଧାୟକ ଭାବେ ମହେଶ୍ୱର ମହାନ୍ତି କ୍ଷମତାରେ ରହିଥିଲେ । ଗତ ୨୦୧୯ ନିର୍ବାଚନରେ ବିଜେପି ଠାରୁ ବିଜେଡ଼ି ଅଳ୍ପ ଭୋଟ ବ୍ୟବଧାନରେ ହାରି ଯାଇଥିଲା । ଗତ ନିର୍ବାଚନରେ ଲୋକସଭା ସାଂସଦ ଭାବେ ଡ଼କ୍ଟର ସମିତ ପାତ୍ର ପୁରୀ ଓ ବ୍ରହ୍ମଗିରିରେ ତୋଫାନି ଗସ୍ତ ଓ ମୋଦିଙ୍କ ନେତୃତ୍ୱକୁ ପ୍ରଚାର କରି ପୁରୀ ଓ ବ୍ରହ୍ମଗିରିରୁ ଦୁଇ ବିଧାୟକ ବିଜେପି ଦଳରୁ ବିଜୟ ଲାଭ କରିଥିଲେ । କିନ୍ତୁ, ସାଂସଦ ପ୍ରାର୍ଥୀ ଶ୍ରୀ ପାତ୍ର ଅଳ୍ପ ଭୋଟ ବ୍ୟବଧାରେ ବିଜେଡ଼ିର ପିନାକୀ ମିଶ୍ରଙ୍କ ଠାରୁ ହାରି ଯାଇଥିଲେ । ଗତ ନିର୍ବାଚନ ବେଳର ସ୍ଥିତି ଓ ବର୍ତମାନର ସ୍ଥିତି ଅଲଗା ରହିଛି । ବ୍ରହ୍ମଗିରିରେ ସଞ୍ଜୟ ହାରି ଯିବା ପରେ ତାଙ୍କୁ ଯୋଜନା ବୋର୍ଡ଼ ଉପାଧକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା । ପରେ ତାଙ୍କର ବ୍ୟକ୍ତିଗତ ସୁରକ୍ଷା କର୍ମୀ ଚିତରଞ୍ଜନ ପଲେଇ ହତ୍ୟା ମାମଲାରେ ଛନ୍ଦି ହୋଇଯିବା ପରେ ତାଙ୍କର ପ୍ରଭାବ ହ୍ରାସ ପାଇଥିଲା । କିଛି ଦିନ ନିରବ ରହିବା ପରେ ଜନସମ୍ପର୍କ ଯାତ୍ରା ବେଳେ ରାଜନୈତିକ ନେତୃତ୍ୱ ଓ ବରିଷ୍ଠ ପ୍ରଶାସକଙ୍କ ବିରୋଧରେ ପରୋକ୍ଷରେ ବିସ୍ଫୋରକ ବୟାନ ଦେଇ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲେ । ଏଭଳି ସ୍ଥିତିରେ ସଞ୍ଜୟଙ୍କ ଅତି ପାଖ ଯୁବନେତା ଭାବେ ୨୮ ନମ୍ବର କୋନ ର ଜିଲ୍ଲା ପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପରିଡ଼ା ତୃତୀୟ ମହଳା ଓ ସାଂସଦଙ୍କ ପରୋକ୍ଷ ପ୍ରଭାବରେ ଏକ ସ୍ୱତନ୍ତ୍ର ସଂଗଠନ ଚଳାଇଛନ୍ତି । ସେ ମଧ୍ୟ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ମଣ୍ଡଳିରେ ସଭା ସମିତି ଆୟୋଜନ କରିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ଲୁଲୁ ମହାପାତ୍ରଙ୍କ କନ୍ୟା ଉପାସନା ମହାପାତ୍ର ବାପାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଗାଁ ଗାଁ ବୁଲିବା ସହ ଅସୁସ୍ଥ ବ୍ୟକ୍ତି ମାନଙ୍କୁ ଡ଼ାକ୍ତରଖାନାରେ ଭେଟୁଛନ୍ତି । କଂଗ୍ରେସ ଦଳର ପୂର୍ବତନ ବ୍ଲକ ଅଧକ୍ଷ ସ୍ୱର୍ଗତଃ ରାମଚନ୍ଦ୍ର ପ୍ରଧାନଙ୍କ ପୁତ୍ର ରମେଶ ଚନ୍ଦ୍ର ପ୍ରଧାନ ଏବେ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକର ୧୧ ପଂଚାୟତରେ ସଂଗଠନ ସଜାଡୁଛନ୍ତି । ଯଦିଓ କୌଣସି ଦଳ ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ଘୋଷଣା କରିନାହାନ୍ତି ତଥାପି ସଂଗଠନ ସଜାଡ଼ିବାରେ ସମୟ ଦେଉଛନ୍ତି । ସବୁଠାରୁ ତୀବ୍ର ରାଜନୈତିକ ମତଭେଦ ସୃଷ୍ଟି ହୋଇଥିବା ବ୍ରହ୍ମଗିରିରେ ବିଜେଡ଼ି ମହିଳା ପ୍ରାର୍ଥୀ ଭାବେ ଜଣେ ନେତ୍ରୀଙ୍କୁ ବାଛିବାର ସମ୍ଭାବନା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି । ସେହିପରି ପୁରୀରେ ବିଧାୟକ ଆଶୟୀ ପ୍ରାର୍ଥୀ ଭାବେ ଅନେକ ଆଶାୟୀ ରହିଥିଲେ । ବିଜେଡ଼ିର ତ୍ରିକୋଣୀୟ ଆଶାୟୀ ପ୍ରାର୍ଥୀ ରହିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଦୁଇ ଜଣ ଆଶାୟୀଙ୍କୁ ପଦବି ପ୍ରଦାନ କରାଯାଇ ଥଇଥାନ କରାଯାଇଛି । ମଇଦାନରେ ସ୍ୱର୍ଗତଃ ମହେଶ୍ୱର ମହାନ୍ତିଙ୍କ ପୁତ୍ର ସୁନିଲ ମହାନ୍ତି ରହିଥିବା ବେଳେ ଭୋଟର କିପରି ତାଙ୍କୁ ଗ୍ରହଣ କରିବେ ତାକୁ ନେଇ ଚର୍ଚ୍ଚା ଯୋର ଧରିଛି । ଲକି ଓ ବାବୁଙ୍କ ସମର୍ଥକ ଭୋଟର କାହାକୁ ସମର୍ଥନ କରିବେ ତାକୁ ନେଇ ତର୍ଜମା ଚାଲିଛି । ଲକିଙ୍କୁ ହଠାତ୍ ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା କରାଯିବା ପରେ ଜିଲ୍ଲାବାସୀ ଚକିତ ହୋଇ ଯାଇଛନ୍ତି । ସେହିପରି ବିଜେଡ଼ି ପକ୍ଷରୁ ପୁରୀରେ ନିଜେ ମୁଖ୍ୟମନ୍ତ୍ରୀ କିମ୍ବା ସୁନିଲ ମହାନ୍ତି ପ୍ରାର୍ଥୀ ହେବା ସମ୍ଭାବନା ଆଲୋଚନା ହେଉଛି । ଯଦି ବିବାଦ ଲାଗି ରହେ ତେବେ ହଠାତ୍ ମହିଳା ପ୍ରାର୍ଥୀଙ୍କ ନାମ ପ୍ରାର୍ଥୀ ପତ୍ର ଦାଖଲର ଶେଷ ଦିନ ସକାଳୁ ଘୋଷଣା ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବନାହିଁ ବୋଲି ଆଲୋଚନା ହେଉଛି । ବିଜେଡ଼ି ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ଦେବାକୁ ଚିନ୍ତା କରୁଥିବା ବେଳେ ପୁରୀ ଜିଲ୍ଲାର ୬ଟି ବିଧାନସଭା ଆସନରୁ ୨ଟି ଆସନରେ ମହିଳା ପ୍ରାର୍ଥୀ ଦେଇପାରେ । ପୁରୀ ଓ ବ୍ରହ୍ମଗିରିର ରାନୈତିକ ଚିତ୍ର ବିଚିତ୍ର ସ୍ଥିତରେ ରହିଥିବା ବେଳେ ଘଡ଼ିକେ ଘୋଡ଼ା ଛୁଟୁଛି । ସଞ୍ଜୟଙ୍କ ସଞ୍ଜ ବେଳା ଆସିଯାଇଥିବା ବେଳେ ଆଗକୁ ଅନ୍ଧାର ଆସିପାରେ ବୋଲି ଭୋଟର କଥାବାର୍ତା ହେଉଛନ୍ତି । ସଞ୍ଜୟ ବ୍ରହ୍ମଗିରି, ପୁରୀ, ସତ୍ୟବାଦୀ, ଚିଲିକା କିମ୍ବା ଭୁବନେଶ୍ୱରରୁ ପ୍ରାର୍ଥୀ ହେବେ ତାକୁ ନେଇ ମଧ୍ୟ ଜିଲ୍ଲାରେ ଚର୍ଚ୍ଚା ହେଉଛି । ପୁରୀରେ ବିଜେପି ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପୁଣି ଥରେ ବିଜେପିରୁ ପ୍ରାର୍ଥୀ ହେବେ କି ପୁରୁଣା ଘରକୁ ଫେରିବେ ତାକୁ ନେଇ ଭୋଟର ଦ୍ୱନ୍ଦରେ ଅଛନ୍ତି । ଅନ୍ୟପକ୍ଷରେ ବିଜେପି ରାଜ୍ୟ ଉପସଭାପତି ଶଙ୍କର୍ଷଣ ପରିଡ଼ା ପୁରୀରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଭିତିରି ଯୋଜନା ଚାଲିଥିବା ଶୁଣାଯାଉଛି । ସେହିପରି ଟାଣୁଆନେତା ଉମାବଲ୍ଲଭ ରଥ ମଧ୍ୟ ପୁରୀରୁ ପ୍ରାର୍ଥୀ ହୋଇ ତାଙ୍କ ଚିରାଚରିତ ଢଙ୍ଗରେ ପ୍ରଚାର କରିବେ । ତେବେ ସମୟ କହିବ ବ୍ରହ୍ମଗିରି ଓ ପୁରୀର କିଏ ବିଧାୟକ ହେବ ।

୧୧୧୮ ସିକିମ୍ ସ୍ୱତ୍ୱଧାରୀଙ୍କୁ ସ୍ଥିତିବାନ ପଟ୍ଟା ବଂଟନ କଲେ ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା, ୨୧/୨ (ନି.ପ୍ର): ଜିଲ୍ଲାର ୧୧୧୮ ସିକିମ୍ ସ୍ୱତ୍ୱଧାରୀଙ୍କୁ ଆଭାସୀ ଯୋଗେ ସ୍ଥିତିବାନ ପଟ୍ଟା ବଂଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ପଟ୍ଟା ବଂଟନ ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଅନୁମତିକ୍ରମେ ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଂଟନ କରିଥିଲେ। ସୂଚନାଯୋଗ୍ୟ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ସମୟରେ ସର୍ବପ୍ରଥମେ ଏହି ସିକିମ୍ ଜମି ସମସ୍ୟା ନେଇ ଅଭିଯୋଗ ପାଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଅଲୋଚନା ପରେ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା ଭୂ-ସଂସ୍କାର ଆଇନ ୧୯୬୦ରେ ଆବଶ୍ୟକୀୟ ସଂଶୋଧନ ଆଣିବା ପାଇଁ। ଫଳ ସ୍ୱରୂପ ରାଜ୍ୟ ସରକାରଙ୍କ ଏହି ଐତିହାସିକ ପଦକ୍ଷେପ ଯୋଗୁଁ ଆଜି ରାଜ୍ୟର ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱଧାରୀ ଉପକୃତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦, ୧୫୦ ସିକିମ୍ ସ୍ୱତ୍ୱଧାରୀ ଉପକୃତ ହେବେ। ସିକିମ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ, ସ୍ଥାୟୀ, ହସ୍ତାନ୍ତର ଯୋଗ୍ୟ, ବଂଶାନୁକ୍ରମିକ ପଟ୍ଟା ପ୍ରଦାନ କରାଯିବା ଫଳରେ ବିଭିନ୍ନ ସରକାରୀ ଯୋଜନାରୁ ଲାଭ ପାଇପରିବେ । ଆଜି ପ୍ରାରମ୍ଭିକ ପର୍ଯ୍ୟାୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମତିକ୍ରମେ ସମାରୋହରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୧୧୮ଜଣ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯାଇଛି। ଏହି ଲୋକାଭିମୁଖୀ ପଦକ୍ଷେପ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ୍ ୬୮,୪୩୩ ଜଣ ଅଧିବାସୀ ଉପକୃତ ହେବେ। ଏହି ପଟ୍ଟାବଂଟନ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ଶିବାଶିଷ ପରିଡ଼ା, ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ସିକିମ ସ୍ୱତ୍ୱାଧିକାରୀ ଚାଷୀ, ରାଜସ୍ୱ ବିଭାଗ ତଥା ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଇଲେକ୍ଟ୍ରିକ୍ ବାଇକ ନିର୍ମାତା ସୁରଜଙ୍କୁ ସମ୍ବର୍ଦ୍ଧନା

ଭୁବନ, ୨୧/୨ (ନି.ପ୍ର): ନିଜସ୍ୱ ଜ୍ଞାନ କୌଶଳରେ ଅତ୍ୟାଧୁନିକ ଇଲେକ୍ଟ୍ରିକ ବାଇକ୍ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିବା ଭୁବନ ଏନ୍ ଏ ସି ଅନ୍ତର୍ଗତ ୫ ନମ୍ବର୍ ୱାର୍ଡ ର ହବିବ ଖାଁ ଙ୍କ ପୁତ୍ର ସୁରଜ ଖାଁ ଙ୍କୁ ଜଗବନ୍ଧୁ ଜରାଶ୍ରମ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଏନ୍ ଏ ସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରଜ ଖାଁ ଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରି ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଜୟନ୍ତ ରାଉତ ରାୟ, ବରିଷ୍ଠ ନାଗରିକ ସଂଘ ସଭାପତି ଶ୍ରୀଧର ବେହେରା, ବ୍ରହ୍ମାନନ୍ଦ ସାହୁ, ଯୁବ ସମାଜସେବୀ ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜଗବନ୍ଧୁ ଜରାଶ୍ରମ ସମ୍ପାଦକ ଆଶୁତୋଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସୁରଜ ଖାଁ ଙ୍କ ଗ୍ରାଜୁଏସନ ପାଠ ପଢା ଦାୟିତ୍ୱ ଜଗବନ୍ଧୁ ଜରାଶ୍ରମ ନେବ ବୋଲି ସୂଚନା ଦେଇଥିଲେ । ଶେଷରେ ସୁରଜ ଖାଁ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଅଭାବ ଅସୁବିଧା ହିଁ ନୂତନ ଉଦ୍ଭାବନ ପାଇଁ ବାଟ ଦେଖାଏ । ଏକ ଗରିବ ମୁସଲିମ ପରିବାରରେ ତାଙ୍କର ଜନ୍ମ, ଅର୍ଥ ଅଭାବରୁ ସେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଥିଲେ। କିଛି ନୂଆ କରିବା ତାଙ୍କର ନିଶା। ମୋବାଇଲ୍ ଗୁଗଲ ରେ ସର୍ଚ୍ଚ କରି ପୂର୍ବରୁ ଇଲେକ୍ଟ୍ରିକାଲ ଓୟାରିଁ ଶିଖି କୁଲର, ପାଖ୍ୱାର ବ୍ୟାଙ୍କ୍, କଲିଙ୍ଗ ବେଲ୍ ଇତ୍ୟାଦି ତିଆରି କରିଥିଲେ। ନିଜ ଆବଶ୍ୟକତା ପାଇଁ ଇଲେକ୍ଟ୍ରିକ ବାଇକ୍ ନିର୍ମାଣ କରିଛନ୍ତି । ବ୍ୟାଟେରୀ ଗାଡିରେ ସମୁଦାୟ ୪୫ ହଜାର ଟଙ୍କା ଖର୍ଚ୍ଚ । ଥରେ ଚାର୍ଜ କଲେ ୪୦ ରୁ ୫୦ କିଲୋ ମିଟର ରେ ପ୍ରାୟ ୧୦୦ କିମି ଯାଇହେବ ବୋଲି ବାଇକ୍ ନିର୍ମାତା ସୁରଜ ଖାଁ ପ୍ରକାଶ କରିଥିଲେ ।

ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ

ଜୟପୁର, ୨୧/୨ (ନି.ପ୍ର): ଜୟପୁର ପୌରାଚଂଳରେ ଆମ ଓଡିଶା ନବିନ ଓଡିଶା କାଯ୍ୟକ୍ରମ ମଙ୍ଗଳାବାର ଅନୁଷ୍ଠିତ ହୋଇଛି । ଜୟପୁର ପୌରାଚଂଳର ମାଦଳା ସାହି ଠାରେ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୨୦,୨୧,୨୨,୨୩ ୱାର୍ଡ ବାସିଙ୍କ ପାଇଁ ଏଠାରେ କାଯ୍ୟକ୍ରମ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ । ଆମ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମରେ ଜୟପୁର ସହରରେ ଥିବା ବସ୍ତି ଅଂଚଳରେ ଲୋକ ମାନଙ୍କୁ ଓ ସହରବାସୀଙ୍କୁ ସଚେତନ କରାଯାଇଛି । ଗତ ୩ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ବିକାଶମୁଳକ କାଯ୍ୟ ଉପରେ ସଚେତନ କରାଯାଇଛି । ମୁକ୍ତା ଯୋଜନା, କାଳିଆ ଯୋଜନା, ଜାଗା ମିଶନ, ସ୍ୱଚ୍ଛ ଭାରତ ଆଦି ଯୋଜନା ଉପରେ ସଚେତନ କରାଯାଇଛି । ସମସ୍ତ ବିଭାଗକୁ ନେଇ ମିଳିତ ଭାବେ ସଚେତନ କରାଯାଇଥିବା ପୌର ପାଳିକା ତରଫରୁ ସୂଚନା ଦିଆଯାଇଛି ।

ଧର୍ମଶାଳାରେ ଆମ ଓଡିଶା ନବୀନ ଓଡିଶା ପଂଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଧର୍ମଶାଳା, ୨୧/୨ (ନି.ପ୍ର): "ଆମ ଓଡିଶା ନବୀନ ଓଡିଶା" କାର୍ଯ୍ୟକ୍ରମରେ ଯାଜପୁର ଜିଲଶ ଧର୍ମଶାଳା ବ୍ଲକ ମଙ୍ଗଳପୁର, ଅରାବଳ ଓ ଉତରପ୍ରତାପ ପଂଚାୟତରେ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସଭାରେ ଓଡିଶା ସରକାରଙ୍କ କରିଥିବା ଉନ୍ନତୀମୂଳକ କାର୍ଯ୍ୟର ଆଲୋକପାତ କରିଥିଲେ । ସେହି ପଂଚାୟତରେ ମୋଟ ରାସନ ପାଇଥିବା ହିତାଧିକାରୀ ସଂଖ୍ୟା, ମଧୁବାବୁ ପେନ୍‌ସନ ଯୋଜନା ଅର୍ନ୍ତଭୁକ୍ତ ହିତାଧିକାରୀ ସଂଖ୍ୟା ଓ ସମସ୍ତ ରାଜ୍ୟ ସରକାରଙ୍କ ଯୋଜନାରେ ଅର୍ନ୍ତଭୁକ୍ତ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ଅବଗତ କରାଇଥିଲେ । ବର୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ମିଶନ ଶକ୍ତିର ମାଆ ମାନଙ୍କ ଡ୍ରେସକୋଡ ପାଇଁ ହଜାର ଟଙ୍କାର ଅର୍ଥରାଶି ଦେବା ପାଇଁ ଘୋଷଣା କରିଥିବା ସହିତ ମମତା ଯୋଜନାରେ ମାଆମାନଙ୍କୁ ୫ ହଜାର ରୁ ୧୦ ହଜାର ଟଙ୍କାର ସହାୟତା ଓ ମଧୁବାବୁ ପେନସନ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି, କଳାକାରଙ୍କ ପାଇଁ ସହାୟତା ରାଶି ବୃଦ୍ଧି, ପ୍ରତ୍ୟେକ ରାସନଧାରୀ ପରିବାରକୁ ୧ ହଜାର ଟଙ୍କା ପ୍ରଦାନ କରିବାପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଥିବା କଥା ପ୍ରକାଶ କରିଥିଲେ । ଏହି ୩ ଗୋଟି ପଂଚାୟତ ବିଜୁ ଜନତା ଦଳ ସରକାର ପୂର୍ବରୁ ଦୀପାଚଂଳଳର ଆକ୍ଷା ପାଉଥିଲା । କିନ୍ତୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀତ୍ୱର ପ୍ରଥମ ପାଳିରେ ଏହି ତିନିଗୋଟି ପଂଚାୟତ ପାଇଁ କାଏମା ଠାରୁ ଉତରପ୍ରତାପ ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣ କରି ଜନସାଧାରଣ ମାନଙ୍କ ପାଇଁ ଗମନାଗମନର ସୁବିଧା କରିଥିବା ପ୍ରକାଶ କରିଥିଲେ । ଦୀର୍ଘ ୧୫ଦିନ ଧରି ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା "ଆମ ଓଡିଶା ନବୀନ ଓଡିଶା" କାର୍ଯ୍ୟକ୍ରମ ଉଦଯାପିତ ହୋଇଅଛି ବୋଲି ପ୍ରକାଶ କରିବା ସହିତ ସାରା ଧର୍ମଶାଳାରେ ଆମ ଓଡିଶା ନବୀନ ଓଡିଶା ୧୫୦ଟି ପ୍ରକଳ୍ପ ସମାପ୍ତ ହୋଇ ଓଡିଶାରେ ପ୍ରଥମ ସ୍ଥାନ ନେଇଥିବା ହେତୁ ଧର୍ମଶାଳା ର ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧର୍ମଶାଳା ପଂଚାୟତ ସମିତି ମାାଧ୍ୟମରେ ହୋଇଥିବା ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁ ନେତୃମଣ୍ଡଳୀ, ମହିଳା ସଭାନେତ୍ରୀ ଓ ଯୁବ ନେତା ସାମିଲ ହୋଇଥିଲେ ।

ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ ଚମ୍ପିୟାନ

ବଲାଙ୍ଗୀର, ୨୧/୨ (ନି.ପ୍ର): ସିସିଏଫ୍‌ଏ କଲେଜଛକ ବଲାଙ୍ଗୀର ଆନୁକୁଲ୍ୟରେ ସ୍ଥାନୀୟ ମିଶନ ହାଇସ୍କୁଲ ପଡିଆ ଠାରେ ଦ୍ୱିତୀୟ ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଫାଇନାଲ ଖେଳରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ ବନାମ ସମ୍ବଲପୁର ଏଫ୍‌ସି ନିର୍ଦ୍ଧାରିତ ସମୟ ମଧ୍ୟରେ ୨-୨ ଗୋଲରେ ଡ୍ର ରହିଥିଲେ। ଟ୍ରାଇବ୍ରେକର ୫-୩ ଗୋଲରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ ସମ୍ବଲପୁର ଏଫ୍‌ସିକୁ ହରାଇ ଚମ୍ପିୟାନ ହୋଇଛି। ସିସିଏଫ୍‌ଏ ସଭାପତି ସୁରେନ୍ଦ୍ର ନାଗ (ସୋନୁ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ ?ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ ଯୋଗ ଦେଇଥିଲେ। କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ

ଯୋରନ୍ଦା ମେଳା ଓ ଓଡିଶାର ମହିମା ଧର୍ମ

ସୁଷମା ପରିଜା

ଓଡିଶାର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ଗାଦିର ମହିମା ମେଳା ବିଶ୍ୱ ପ୍ରସିଦ୍ଧ । ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି, ଏଇଟି ମହିମା ଧର୍ମର ପ୍ରବର୍ତ୍ତକ ଶ୍ରୀ ଶ୍ରୀ ମହିମା ଗୋସେଇଁ ଙ୍କର ମହାପ୍ରୟାଣ ତିଥି । ମହିମା ଗୋସେଇଁ ଙ୍କ ଜନ୍ମ ତାରିଖ ବିଷୟରେ ସଠିକ୍ ଭାବରେ କିଛି ପ୍ରମାଣିତ ତଥ୍ୟ ମିଳି ନଥିଲେ ହେଁ ଶୁଣାଯାଏ ଯେ ମହିମା ଗୋସେଇଁ ଅଠର ଶହ ଦୁଇ ମସିହା ବେଳକୁ ହିମାଳୟରେ ତପସ୍ୟା କରୁଥିଲେ । ସେହି ସମୟରେ ଭାରତବର୍ଷରେ ଅନେକ ଗୁଡିଏ ଧର୍ମର ପ୍ରାଦୁର୍ଭାବ ଘଟିଥିଲା । ସାକାର ବ୍ରହ୍ମର ଉପାସନା କରୁଥିବା ହିନ୍ଦୁ ଧର୍ମାବଲମ୍ବୀ ମାନେ ନିଜ ନିଜର ଇଷ୍ଟଦେବତାଙ୍କୁ ବିଭିନ୍ନ ପ୍ରକାର ରୂପକଳ୍ପ ଦେଇ ପୂଜା କରୁଥିଲେ ତେଣୁ ମତ ବିଭେଦ ଲାଗି ରହୁଥିଲା । ବ୍ରାହ୍ମଧର୍ମ ର ପ୍ରାବଲ୍ୟରେ ଜାତିପ୍ରଥା, କୁସଂସ୍କାର, ଅନ୍ଧବିଶ୍ୱାସ ବୃଦ୍ଧି ଯୋଗୁଁ ନୀଚ ଜାତିର ଲୋକମାନେ ଲାଞ୍ଛିତ ହେଉଥିଲେ, ସାମାଜିକ ବିଭିନ୍ନତାର ଶୀକାର ମଧ୍ୟ ହେଉଥିଲେ ।

ସେଇ ଘଡିସନ୍ଧି ମୁହୂର୍ତ୍ତରେ ଏକେଶ୍ୱରବାଦ ଆଉ ନିରାକାର ବ୍ରହ୍ମ ଉପାସନାର ବାର୍ତ୍ତା ନେଇ ପୁରୀର ବଡଦାଣ୍ଡ ରେ ଉଭା ହୋଇଥିଲେ ମହିମା ଗୋସେଇଁ ଅଠର ଶହ ଚବିଶି ମସିହାରେ । ସେ କହୁଥିଲେ...

" ଈଶ୍ୱର ନିରାକାର, ସେ ଶୂନ୍ୟ ବ୍ରହ୍ମ, ସେ ଅନାଦି, ସେ ଅଣାକାର, ତାଙ୍କୁ ବର୍ଣ୍ଣନା କରି ହେବନାହିଁ ,ସେ ଅବ୍ୟକ୍ତ । କେବଳ ଧ୍ୟାନ କରି, ଭଜନ କରି ତାଙ୍କୁ ଅନୁଭବ କରି ହେବ, ତାଙ୍କର କରୁଣା ପ୍ରାପ୍ତି ହେବ । ତାଙ୍କର ମହିମାରେ ଏ ବିଶ୍ୱ ବ୍ରହ୍ମାଣ୍ଡ ର ସୃଷ୍ଟି, ତାଙ୍କରି ମହିମାରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହୋଇ ଜଗତ ପାଳନ କରୁଛନ୍ତି, ପ୍ରାଣୀ ମାନଙ୍କର ମଙ୍ଗଳ କରୁଛନ୍ତି, ସେଇ ଏକା ଆମ ସମସ୍ତଙ୍କର ମାତା, ପିତା, ବନ୍ଧୁ ସହୋଦର, ତାଙ୍କ ବିନା ଆଉ କେହି ନାହାଁନ୍ତି" ।

ଅନ୍ୟ ସାଧାରଣ ସାଧୁ ମାନଙ୍କ ଭଳି ବେଶ ପରିପାଟୀ ନଥିଲା ମହିମା ଗୋସେଇଁଙ୍କର । ତାଙ୍କ ଶରୀରର ନିମ୍ନଭାଗରେ ଖଣ୍ଡିଏ ବକ୍ଳଳ ଆଉ ମୁଣ୍ଡ ଉପରେ ଗୋଟିଏ ତାଳପତ୍ର ଛତା ବ୍ୟତୀତ ଆଉ କୌଣସି ଆଭରଣ ନଥିଲା । ତାଙ୍କ ଅର୍ଦ୍ଧ ଉଲଗ୍ନ ଶରୀର ଧୂଳିଧୂସରିତ ହୋଇଥିବାରୁ ଲୋକେ ତାଙ୍କୁ ଧୂଳିଆବାବା ବା ଧୂଳିଆ ଗୋସେଇଁ ବୋଲି ଡାକୁଥିଲେ । ଏହାପରେ ସେ ଭୁବନେଶ୍ୱରର ଖଣ୍ଡଗିରି ଚାଲି ଆସି ସେଠାର ଗୁମ୍ଫାରେ ବାରବର୍ଷ ଯାଏଁ ଏବଂ ତା'ପରେ ଢେଙ୍କାନାଳର କପିଳାସ ପାହାଡ ଗୁମ୍ଫା ରେ ବାରବର୍ଷ ଯାଏଁ କେବଳ ଫଳ ଆଉ କ୍ଷୀର ଆହାର କରି କଠିନ ତପସ୍ୟା କଲେ । ଅଠର ଶହ ବା'ଷଠି ମସିହା ରେ ସେ ପୁଣି ଖଣ୍ଡଗିରି କୁ ଆସି ଖୋର୍ଦ୍ଧା ର ଦାରୁଠେଙ୍ଗ ଠାରେ ନିଜର ଆଶ୍ରମ ପ୍ରତିଷ୍ଠା କରି ପ୍ରଥମେ ସାତ ଜଣ ଭକ୍ତଙ୍କୁ ବକ୍ଳଳ ପ୍ରଦାନ କରି ଶିଷ୍ୟ ଭାବରେ ଗ୍ରହଣ କରି ଶୂନ୍ୟବାଦ ବା ଶୂନ୍ୟ ଧର୍ମ ର ପ୍ରଚାର ପ୍ରସାର ଆରମ୍ଭ କଲେ । ତାଙ୍କରି ନାମ ଅନୁସାରେ ଜନମୁଖରେ " ମହିମା ଧର୍ମ" ନାମରେ ପରିଚିତ ହେଲା ।

ଓଡିଶା ର ପ୍ରତ୍ୟେକ ଗାଆଁ ରେ ଧର୍ମ ର ପ୍ରଚାର ପ୍ରସାର ପାଇଁ ମହିମା ସନ୍ୟାସୀ ମାନେ ଶିଷ୍ୟ ମାନଙ୍କୁ ଧରି ବୁଲିଲେ । ବହୁତ ଜନାଦୃତ ହେବାକୁ ଲାଗିଲା ମହିମା ଧର୍ମ । ଏହାର ମୁଖ୍ୟ ମନ୍ଦିର ନିର୍ମିତ ହେଲା ଢେଙ୍କାନାଳ ର ଯୋରନ୍ଦା ଠାରେ । ସେହିଠାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାଲାଗି ମହାସଭା ଟିଏ ଗଢାହେଲା । ସେଠାରେ ପ୍ରବୀଣ ଗୁରୁ ମାନେ (ବଲ୍କଳଧାରୀ) ବାନା ଦେଇ ନୂତନ ଶିଷ୍ୟ ମାନଙ୍କୁ ଗ୍ରହଣ କଲେ । ପ୍ରବୀଣ ଗୁରୁ ମାନେ " ବାବା" ଏବଂ ନୂତନ ଶିଷ୍ୟ ମାନେ "ଦାସ" ପଦବୀ ପ୍ରାପ୍ତ ହେଲେ । କ୍ରମେ କ୍ରମେ ତାଙ୍କର ଶିଷ୍ୟ ସଂଖ୍ୟା ବଢିଲେ , ସେମାନଙ୍କ ଶିକ୍ଷା ର ପରିସର ବଢିଲା । ଆଶ୍ରୟ ନେବାଲାଗି ଗ୍ରାମ ଜନପଦ ମାନଙ୍କରେ ଟୁଙ୍ଗୀ ବା ଛୋଟ ଚାଳିଆ ଘର ସବୁ ପ୍ରତିଷ୍ଠା ହେଲା । ପ୍ରତ୍ୟେକ ଟୁଙ୍ଗୀରେ ଯୋରନ୍ଦା ର ମହାସଭା ତରଫରୁ ଜଣେ ଜଣେ ବାବା ଙ୍କ ସହିତ ଦୁଇ ବା ତତୋଧିକ ଶିଷ୍ୟ ମାନଙ୍କୁ ଅଧିଷ୍ଠିତ କରାଗଲା , ସେଠାରେ ରହି ମହିମା ଧର୍ମର ପ୍ରଚାର ପ୍ରସାର କରିବା ପାଇଁ ।

ନୂତନ ଶିଷ୍ୟ ମାନଙ୍କୁ ମହିମାଧର୍ମର କଠୋର ବ୍ରତ ପାଳନ କରିବାକୁ ପଡେ । ଶିଷ୍ୟ ମାନେ ପୁଣି ଦୁଇ ଭାଗରେ ବିଭକ୍ତ । ନୂତନ ଭାବେ ଦୀକ୍ଷା ନେଉଥିବା ଶିଷ୍ୟ ମାନେ କୌପୀନଧାରୀ । ସେମାନେ ବକ୍ଳଳଧାରୀ ଗୁରୁ ମାନଙ୍କ ପାଖରେ ରହି ତାଙ୍କର ସେବା କରନ୍ତି, ଗୁରୁଙ୍କ ଠାରୁ ଜ୍ଞାନ ଆହରଣ କରନ୍ତି, କଠୋର ବ୍ରହ୍ମଚର୍ଯ୍ୟ ପାଳନ କରି ସନ୍ୟାସ ଜୀବନ ପାଳନ କରନ୍ତି । କୌପୀନ ବ୍ୟତୀତ କେବଳ ଦୁଇ ଖଣ୍ଡ ବସ୍ତ୍ର ରେ ଦିନ କାଟନ୍ତି । ଶୋଇବା ପାଇଁ ତିରଣ (ନଡା) ଶଯ୍ୟା) ବ୍ୟବହାର କରନ୍ତି, ନିଜର କୌଣସି ରନ୍ଧାବଢା ର ବ୍ୟବସ୍ଥା ନଥାଏ , ଜନପଦ ରେ ଭିକ୍ଷା କରି ଆହାର କରନ୍ତି ତା'ପୁଣି ଦିନକୁ ମାତ୍ର ଦୁଇଥର । ସେମାନେ ଅନ୍ୟ ମାନଙ୍କ ଭଳି ଚାଉଳ କି ଟଙ୍କା ପଇସା ଭିକ୍ଷା କରନ୍ତି ନାହିଁ, କେବଳ ରନ୍ଧା ଖାଦ୍ୟ ପଦାର୍ଥ ହିଁ ଆହାର କରିଥାନ୍ତି ଭିକ୍ଷା ରେ ।

ମହିମାଧର୍ମର ସନ୍ୟାସୀ ମାନେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ଅଲେଖ ପରମବ୍ରହ୍ମଙ୍କୁ ଦଣ୍ଡବତ ପ୍ରଣାମ ଜଣାନ୍ତି ,ଜଗତଜନଙ୍କର ମଙ୍ଗଳ କାମନା କରନ୍ତି । ସେମାନେ " ଓଁ ଶ୍ରୀ ଅଲେଖ ପରମବ୍ରହ୍ମଣେ ଶରଣଂ " ଉଚ୍ଚାରଣ କରିବା ସଙ୍ଗେସଙ୍ଗେ " ଜଗତଜନଙ୍କର କଲ୍ୟାଣ ହେଉ" ବୋଲି କହି କହି ଭୂମିରେ ସାଷ୍ଟାଙ୍ଗ ପ୍ରଣିପାତ କରିଥାନ୍ତି ସାତଥର । ନୂତନ ଶିଷ୍ୟ ମାନେ ଗୁରୁଙ୍କ ସହିତ ଏବଂ ପୂରାତନ ଶିଷ୍ୟ ମାନେ ପୃଥକ୍ ପୃଥକ୍ ଭାବେ ଗ୍ରାମ ଗ୍ରାମ ବୁଲି ଧର୍ମ ପ୍ରଚାର କରିଥାନ୍ତି, କାହାରିକୁ ମୁହଁ ଖୋଲି କିଛି ମାଗନ୍ତି ନାହିଁ, ଯଦି କେହି ଗୃହୀ ଭକ୍ତ ସେମାନଙ୍କୁ ଭିକ୍ଷା ଦେବାକୁ ଚାହେଁ ତେବେ ସେମାନଙ୍କ ପାଖକୁ ଯାଇ ପ୍ରଣାମ ଜଣାଇ ଅନୁରୋଧ କରେ --

" ବାବା, ଆଜି ମୋ ଦୁଆରେ ଭିକ୍ଷା କରି ଆମ ପରିବାର କୁ କଲ୍ୟାଣ କରନ୍ତୁ " ।

ଦିନରେ ମାତ୍ର ଗୋଟିଏ ଗାଆଁ ରେ ଜଣକ ଘରେ ହିଁ ସେମାନେ ଦଳବଦ୍ଧ ହୋଇ ଭିକ୍ଷା

କରନ୍ତି, ସେମାନେ କାହା ଓଳିତଳେ ବସନ୍ତି ନାହିଁ, ଅଗଣା କିମ୍ବା ଖଳାବାରି ଭଳି ସ୍ଥାନ ରେ ସେମାନଙ୍କର ପନ୍ତି ଭୋଜନ ହୋଇଥାଏ । ସେମାନଙ୍କ ଆସିବା ପୂର୍ବରୁ ଗୃହୀ ଭକ୍ତ ଟି ସେଇ ସ୍ଥାନ କୁ ସଫା ସୁତୁରା କରି ପାଣି ଛିଞ୍ଚି କଦଳୀ ପତ୍ର କାଟି, ନୂଆ ନଡିଆଖଡିକା ସହ ସଜାଡି ରଖି ଦେଇଥାନ୍ତି, ଗରା ବା ଢାଳରେ ପାଣି ରଖି ଦେଇଥାନ୍ତି । ସେମାନେ ଦଳବଦ୍ଧ ହୋଇ ଆସେବା ପରେ ସେଇ ଅଗଣା ରେ ଅଲେଖଙ୍କୁ ଡାକ ଦିଅନ୍ତି ତା'ପରେ ତାଙ୍କ ଶିଷ୍ୟମାନେ ଗୁରୁଜନଙ୍କ ପାଦ ଧୋଇ ଦେଇ ପଢିବାରେ ବସାନ୍ତି ଏବଂ ନିଜେ ସେଇ କଦଳୀପତ୍ର ଆଉ ନଡିଆ ଖଡିକା ସାହାଯ୍ୟ ରେ ସୁନ୍ଦର ଭାବରେ ଥାଳି ତାଟିଆ ସବୁ ତିଆରି କରନ୍ତି । ସେମାନଙ୍କର ଆମିଷ ନିରମିଷ କିଛି ବାରଣ ନଥାଏ, ସମସ୍ତେ ନିଜ ନିଜର ରୁଚି ଅନୁସାରେ ଭୋଜନ କରନ୍ତି । ପଙ୍ଗତରେ ବସି ଖାଆନ୍ତି ଏବଂ ଗୃହୀ ଭକ୍ତ ପାଇଁ ପତ୍ର ଟିଏ ପକାନ୍ତି । ଖାଇ ସାରିବା ପରେ ହାତ ଧୁଆଧୋଇ ହୋଇ ପୁଣି ଥରେ ଭକ୍ତ ର ମଙ୍ଗଳ କାମନା କରି ଅଲେଖଙ୍କୁ ଡାକ ଦିଅନ୍ତି । ସାଙ୍ଗରେ ଧରି ଆଣିଥିବା ବାଡି କୁ ସାରା ପରିବାର ର ପିଲାମାନଙ୍କ ମୁଣ୍ଡରେ ଛୁଆଁଇ ଦୀର୍ଘାୟୁ ହେବାର ଆଶୀର୍ବାଦ କରନ୍ତି । ଅଲେଖ ଧର୍ମାବଲମ୍ବୀ ମାନେ ସୂର୍ଯ୍ୟାସ୍ତ ପରେ ଭୋଜନ କରନ୍ତି ନାହିଁ । ତେଣୁ ସୂର୍ଯ୍ୟାସ୍ତ ପୂର୍ବରୁ ସେମାନଙ୍କ ଭୋଜନ ଭିକ୍ଷା ସରିଯାଏ । କୌଣସି ଗାଆଁ ରେ ଗୋଟିଏ ଟୁଙ୍ଗୀରେ ସେମାନେ ଦୁଇ ଦିନ ରହନ୍ତି ନାହିଁ । ସେଥିପାଇଁ ଗାଆଁ ଗାଆଁ ଟୁଙ୍ଗୀ ବଦଳାଇ ରହନ୍ତି । ଓଡିଶାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ସେମାନଙ୍କ ଟୁଙ୍ଗୀ ରହିଛି, କାଳକ୍ରମେ ପ୍ରତ୍ୟେକ ଟୁଙ୍ଗୀର ମୁଖ୍ୟ ମଧ୍ୟ ନିରୂପିତ ହୋଇଛନ୍ତି ଯୋରନ୍ଦା ମୂଖ୍ୟାଳୟ ଦ୍ୱାରା । କିନ୍ତୁ ମୁଖ୍ୟ ମନ୍ଦିର ଭାବରେ ରହିଛି ଯୋରନ୍ଦାର ଶୂନ୍ୟ ମନ୍ଦିର ।

ମହିମା ଗୋସେଇଁଙ୍କର ତିରୋଧାନ ହୋଇଥିଲା ମାଘମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ, ଅଲେଖ ପରମ୍ପରା ଅନୁଯାୟୀ ତାଙ୍କର ମର ଶରୀରକୁ ପେଡି ଭିତରେ ସଂସ୍କାର ପୂର୍ବକ ସମାଧିସ୍ଥ କରା ଯାଇଥିଲା ଆଶ୍ରମରେ ସେଇ ସ୍ଥାନରେ ଯେଉଁଠି ଗଢି ଉଠିଛି ଗାଦି ମନ୍ଦିର, ଅଖଣ୍ଡ ଧୂନି ସେଇ କାଳରୁ ଜଳୁଛି ଧୂନି ମନ୍ଦିରରେ ।ସେଇ ଦିନଟିକୁ ଉତ୍ସବ ଭାବରେ ପାଳନ କରା ଯାଉଛି ମହିମା ଗୋସେଇଁ ଙ୍କ ସ୍ମୃତିରେ । ସେଦିନ ମନ୍ଦିର ର ଚାରିଦ୍ୱାର ରେ ଚାରୋଟି ବଡ ବଡ ଝାଡ (ପିତଳଦୀପ ରୁଖା) ର ହଜାରେ ରୁ ଉର୍ଦ୍ଧ୍ୱ ଦୀପ ମାନଙ୍କରେ ଭକ୍ତ ମାନଙ୍କ ପ୍ରଦତ୍ତ ମହଣ ମହଣ ଗୁଆଘିଅ ଆହୁତି ଦେଇ ମହିମା ଧର୍ମର ସାଧୁଗଣ ଜଗତଜନଙ୍କ କଲ୍ୟାଣ କାମନା କରୁଛନ୍ତି । ଧର୍ମୀୟଭାବନା ନେଇ ଶ୍ରଦ୍ଧା ରେ ହଜାର ହଜାର ଭକ୍ତ ମାନେ ଛୁଟି ଆସୁଛନ୍ତି ଓଡିଶା ର କୋଣ ଅନୁକୋଣରୁ ସେଇ ଝାଡରେ ଘିଅ ଟିକିଏ ଦେଇ ମହିମା ଗୋସେଇଁ ଙ୍କୁ ସୁମରଣା କରି ନିଜର ତଥା ନିଜ ପରିବାର ର ମଙ୍ଗଳ କାମନା କରିବା ପାଇଁ ।

ମହିମା ଗୋସେଇଁଙ୍କର ମୁଖ୍ୟ ଶିଷ୍ୟ ଥିଲେ ସନ୍ଥକବି ଭୀମଭୋଇ । ଆଜି ଓଡିଶା ର ପୁରପଲ୍ଲୀ ରେ ପରିଚିତ ଆଉ ପ୍ରଚଳିତ ହେଉଛି ସନ୍ଥକବିଙ୍କର ଭଜନ ମାଳା , ତାଙ୍କ ରଚିତ ସତ୍ୟ ମହିମା ଧର୍ମ ପ୍ରତିପାଦକ, ଅଲେଖ ସଂହିତା, ଶୂନ୍ୟ ସଂହିତା ଇତ୍ୟାଦି ବିଭିନ୍ନ ଗ୍ରନ୍ଥମାନ । ଜାତିସଙ୍ଘ କାର୍ଯ୍ୟାଳୟ ରେ ହଲ୍ ଅଫ୍ ଫେମ୍ ରେ ଲେଖା ହୋଇ ରହିଛି ତାଙ୍କର ସେ ଆପ୍ତବାଣୀ.....

" ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁଦେଖୁ କେ ବା' ସହୁ ,
ମୋ'ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ " ।।

ଜଗତ ଜନଙ୍କର କଲ୍ୟାଣ ହେଉ । ଶ୍ରୀ ଗୁରୁ ମହିମା ଅଲେଖ । ଆଦି କାଳରୁ ଶୂନ୍ୟ ବ୍ରହ୍ମ ଙ୍କର ଆରାଧନା ଚାଲିଥିଲା , ଚାଲିଛି, ଚାଲିଥିବ ଅନନ୍ତ କାଳ ଯାଏଁ । ଓଁ ଶ୍ରୀ ଅଲେଖ ପରମବ୍ରହ୍ମଣେ ଶରଣଂ ।

+ ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ -୪

ଆପଣ ସ୍କଣ୍ଡିଲାଇଟିସ୍ ଏବଂ ପିଠି ଯନ୍ତ୍ରଣାରେ ପୀଡିତ କି...? କରନ୍ତୁ ଏହି ୩ ଯୋଗାସନ

ଆଜିକାଲି ଅନେକ ଲୋକ ସ୍କଣ୍ଡିଲାଇଟିସ୍ ଏବଂ ପିଠି ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡୁଛନ୍ତି । ଏମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ସଂଖ୍ୟା ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ କମ୍ପ୍ୟୁଟର ସାମ୍ନାରେ ବସି ଘଣ୍ଟା ଘଣ୍ଟା ଧରି କାମ କରୁଛନ୍ତି । ଆପଣ ଯଦି ଏହି ସମସ୍ୟାରେ ପୀଡିତ ତେବେ ଏହି ତିନୋଟି ଯୋଗାସନ କରି ଏଭଳି ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ ।

ଆଜିକାଲି, ପିଠି ଏବଂ ବେକ ଯନ୍ତ୍ରଣା ଏକ ସାଧାରଣ ସମସ୍ୟା ହୋଇଗଲାଣି । ଏହାର ମୁଖ୍ୟ କାରଣ ହେଉଛି ଚାକିରିଆ ଲୋକମାନେ କମ୍ପ୍ୟୁଟର ଆଗରେ ଦୀର୍ଘ ସମୟ ଧରି ଗୋଟିଏ ଅବସ୍ଥାରେ ବସିରହିବା । ବିରତି ବିନା ଚେୟାରରେ ଦୀର୍ଘ ସମୟ ବସିବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥାଏ । ଏହି କାରଣରୁ କେବଳ ମାନସିକ ଚାପ ବୃଦ୍ଧି ପାଉନାହିଁ ବରଂ ଶାରୀରିକ ରୋଗ ମଧ୍ୟ ହେଉଛି । ଏହା ମୁଣ୍ଡ, ଆଖି ଏବଂ ବେକରେ ଯନ୍ତ୍ରଣାର ଦେଉଛି ।

ଜୀବନଶୈଳୀ ଏବଂ ଖାଇବା ଅଭ୍ୟାସରେ ପରିବର୍ତ୍ତନ ଅନେକ ରୋଗ ସୃଷ୍ଟି କରୁଛି । ଆଜିକାଲି ଅନେକ ଲୋକ ସ୍କଣ୍ଡିଲାଇଟିସ୍ ଏବଂ ପିଠି ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡୁଛନ୍ତି । ଏମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ସଂଖ୍ୟା ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ କମ୍ପ୍ୟୁଟର ସାମ୍ନାରେ ବସି ଘଣ୍ଟା ଘଣ୍ଟା ଧରି କାମ କରୁଛନ୍ତି ।

ସ୍କଣ୍ଡିଲାଇଟିସ୍ କ'ଣ:

ସ୍କଣ୍ଡିଲାଇଟିସ୍ ହେଉଛି ବେକର ଅଂଶ ବା ମେରୁଦଣ୍ଡରେ ଯନ୍ତ୍ରଣା । ଭୁଲ୍ ବସିବା ଶୈଳୀ, ବ୍ୟାୟାମ ନ କରିବା, ୟୁରିକ୍ ଏସିଡ୍ ଏବଂ କୋଲେଷ୍ଟ୍ରଲ୍ ?ର ବୃଦ୍ଧି କାରଣରୁ ଏପରି ହୁଏ । ଲୋକମାନଙ୍କର ଖରାପ ଦିନଚର୍ଯ୍ୟା ସ୍କଣ୍ଡିଲାଇଟିସ୍ ପାଇଁ କାରଣ ମଧ୍ୟ ହୋଇଥାଏ । କିନ୍ତୁ ଏହି ସମସ୍ୟାର ଉପଶମ କେବଳ ଯୋଗ ଦ୍ୱାରା ହିଁ ସମ୍ଭବ ।

ସ୍କଣ୍ଡିଲାଇଟିସ୍ ?ର ଯନ୍ତ୍ରଣା ବେକରୁ ଆରମ୍ଭ ହୋଇ ପିଠି ତଳ ପର୍ଯ୍ୟନ୍ତ ଯାଇଥାଏ । ଏହି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପଦକ୍ଷେପ ନିଅନ୍ତି ଏବଂ ବିଦେଶୀ ଔଷଧ ଉପରେ ନିର୍ଭର ମଧ୍ୟ କରନ୍ତି । ଆପଣ ଯଦି ଏହି ସମସ୍ୟାରେ ପୀଡିତ ଆଉ ନିୟମିତ ଭାବେ କେବଳ ତିନୋଟି ଯୋଗାସନ କରନ୍ତି ତେବେ ସ୍କଣ୍ଡିଲାଇଟିସ୍ ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ । ଏହି ତିନୋଟି ଆସନ କ'ଣ ଆସନ୍ତୁ ଜାଣିବା ।

ଭୁଜଙ୍ଗାସନ:

ଭୁଜଙ୍ଗାସନ ଅଭ୍ୟାସ କରିବା ଦ୍ୱାରା ଆମର ବାହୁ ଦୃଢ ହୋଇଥାଏ । ଏହା ମଧ୍ୟ ଆମର ଶରୀରର ମାଂସପେଶୀ ବିସ୍ତାର କରିଥାଏ, ଯାହା ପେଟ ନିକଟରେ ଜମା ହୋଇଥିବା ଚର୍ବିକୁ ହ୍ରାସ କରିଥାଏ ଏବଂ ଆମ ଶରୀରକୁ ନମନୀୟତା ଦେଇଥାଏ ।

ଏହି ବ୍ୟାୟାମ କରିବାକୁ ହେଲେ ଯୋଗ ମ୍ୟାଟ୍ ଉପରେ ସିଧା ପେଟ ଉପରେ ଶୋଇ ରୁହନ୍ତୁ ଏବଂ ଦୁଇ ହାତକୁ କାନ୍ଧ ଆଗରେ ରଖନ୍ତୁ । ଏହା ପରେ, ଧୀରେ ଧୀରେ ଦୁଇ ହାତକୁ କାନ୍ଧ ସାମ୍ନାକୁ ଆଣନ୍ତୁ ଏବଂ ସମଗ୍ର ଶରୀରକୁ ସିଧା ରଖନ୍ତୁ । ଏହା ପରେ ହାତ ଭରାଦେଇ ଆପଣଙ୍କର ସାମ୍ନା ଅଂଶକୁ ଉପରକୁ ଉଠାନ୍ତୁ ଏବଂ ଗୋଡକୁ ସିଧା ରଖନ୍ତୁ ।

ବାଳାସନ:

ବାଳାସନ କରିବା ପାଇଁ, ସର୍ବପ୍ରଥମେ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ବଜ୍ରାସନରେ ବସନ୍ତୁ । ଏହା ପରେ ଦୁଇ ହାତକୁ

ଉପରକୁ ଉଠାଇ ଆଗକୁ ଭାଙ୍ଗନ୍ତୁ । ପାପୁଲି ଭୂମିରେ ଲଗାନ୍ତୁ । ଏହା ପରେ ମୁଣ୍ଡକୁ ଭୂମି ଆଡକୁ ନିଅନ୍ତୁ । ଏହି ଆସନ ମୋଟାପଣ ହ୍ରାସ କରିବା ସହିତ ଶରୀରର ଯନ୍ତ୍ରଣା ଏବଂ ମାନସିକ ଚାପରୁ ମଧ୍ୟ ମୁକ୍ତି ଦେଇଥାଏ ।

ବଜ୍ରାସନ:

ବଜ୍ରାସନ କରିବାକୁ ହେଲେ ଆଣ୍ଠୁକୁ ପଛକୁ ଭାଙ୍ଗି ବସିବାକୁ ପଡିବ । ତା'ପରେ ପିଚାକୁ ଗୋଇଠି ଉପରେ ରଖନ୍ତୁ । ଏହା ପରେ ମୁଣ୍ଡ, ବେକ ଏବଂ ମେରୁଦଣ୍ଡକୁ ସିଧା ରଖନ୍ତୁ ଏବଂ ହାତର ପାପୁଲିକୁ ଜଙ୍ଘ ଉପରେ ରଖନ୍ତୁ । ଏହା ମେରୁମଣ୍ଡ ଯନ୍ତ୍ରଣାରୁ ମୁକ୍ତି ଦିଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ତିନି ଶହ ସତୁରିର ଲକ୍ଷ୍ୟ...

ଅଳ୍ପ ଦିନ ପରେ ବିଗୁଲ୍ ବାଜିବାକୁ ଯାଉଛି ଦେଶରେ ଲୋକସଭା ନିର୍ବାଚନର । ଭାରତରେ ଏହା କୌଣସି ଦୃଷ୍ଟିରୁ ସମରଠୁ କମ୍ ନୁହେଁ ବୋଲି ପ୍ରମାଣିତ ହୋଇ ଆସିଛି ଗତ ଦୁଇ ଦୁଇଟି ଲୋକସଭା ନିର୍ବାଚନରେ । ଏହି ନିର୍ବାଚନରେ ବିଜୟ ଲାଭ କରି ଲଗାତର ତୃତୀୟ ଥର ପାଇଁ କ୍ଷମତାକୁ ଆସିବାକୁ କେନ୍ଦ୍ରରେ ଏନ୍‌ଡିଏ ଶାସନର ନେତୃତ୍ୱ ନେଉଥିବା ଭାରତୀୟ ଜନତା ପାର୍ଟି (ବିଜେପି) ଫେବୃଆରୀ ୧୭ ଓ ୧୮ ତାରିଖରେ ଦିଲ୍ଲୀଠାରେ ଏହାର ଜାତୀୟ ପରିଷଦ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରିବା ସହିତ ରଣନୀତି ମଧ୍ୟ ପ୍ରସ୍ତୁତ କରି ପ୍ରଚାରର ଶେଷ ଏବଂ ସଘନ ଚରଣରେ ପହଞ୍ଚି ଥିବା ଭଳି ମନେ ହେଉଛି । ୨୦୨୪ ଲୋକସଭା ନିର୍ବାଚନ ପାଇଁ ଦଳର ନେତୃବୃନ୍ଦଙ୍କୁ ଆସନ୍ତା ୧୦୦ ଦିନ ମଧ୍ୟରେ ମିଶନ୍ ମୋଡ଼ରେ କାମ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯଦ୍ୱାରା ଦଳ ଦେଶର ସବୁ ବର୍ଗର ଲୋକଙ୍କର ବିଶ୍ୱାସ ଜିତିଥିବା ସମ୍ପର୍କରେ ସୁନିଶ୍ଚିତ ହୋଇ ହେବ। ପ୍ରଧାନମନ୍ତ୍ରୀଙ୍କର ଦୃଢ଼ ଆତ୍ମବିଶ୍ୱାସ ରହିଛି ଯେ ତାଙ୍କର ୧୦ ବର୍ଷର ଶାସନ ବିଜେପି ପାଇଁ ୩୭୦ ଆସନରେ ବିଜୟ ଆଣିବା ସହିତ ଏନ୍‌ଡିଏ ମେଣ୍ଟ ପାଇଁ ଅର୍ଜନ କରିବା ୪୦୦ ଆସନ। ଉଲ୍ଲେଖଯୋଗ୍ୟ ଯେ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ବିଜୟ ହାସଲ କରିଥିଲା ୩୦୩ ଆସନରେ ଏବଂ ୩୭୦ ହେଉଛି ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ଯାହାକୁ ତାଙ୍କ ଦଳ ଉଚ୍ଛେଦ କରି ଏହାର ମୌଳିକ ନୀତିକୁ ପୂରଣ କରିଥିଲା । ସଙ୍ଗେ ସଙ୍ଗେ ଏହା ମଧ୍ୟ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥନୀତି ହେବା କଥା ଏବଂ ଏ କ୍ଷେତ୍ରରେ ତୃତୀୟ ସ୍ଥାନ ଅଧିକାର କରିବାକୁ ପ୍ରସ୍ତୁତି ପ୍ରସଙ୍ଗ । ପୁନଶ୍ଚ, ଲୋକମାନଙ୍କ ନିକଟକୁ ଏହା ରାମ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ସହିତ ଅମୃତ କାଳରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ନେଇ ଯିବ । ଏହା ବାଦ୍ ବିରୋଧୀମାନଙ୍କୁ ଆକ୍ରମଣ କରିବା ପାଇଁ ସେମାନଙ୍କର ବଂଶବାଦ ରାଜନୀତି ଓ ଦୁର୍ନୀତିକୁ ମଧ୍ୟ ଅସ୍ତ୍ର କରିବ। ବିଜେପିର ସାମାଜିକ ପରିଚାଳନା କାର୍ଯ୍ୟ ଉଣା ଅଧ ସଫଳ ହୋଇ ଆସିଛି ଏବଂ ଦଳ ସମାଜର ଅବହେଳିତ ବର୍ଗ ଓ ତଫସିଲଭୁକ୍ତ ଜାତି ଏବଂ ଜନଜାତିଙ୍କୁ କେତେକାଂଶରେ ଆକୃଷ୍ଟ କରି ଏହାର ଆଧାରକୁ ସମ୍ପ୍ରସାରିତ କରି ପାରିଛି । ଜଣେ ଉତ୍କୃଷ୍ଟ ଯୋଗାଯୋଗକାରୀ ଭାବରେ ଶ୍ରୀଯୁକ୍ତ ମୋଦୀ ଉତ୍ତମ ରୂପେ ଜାଣନ୍ତି ଯେ ଭାରତୀୟମାନେ କ'ଣ ଶୁଣିବାକୁ ଭଲ ପାଆନ୍ତି, ଆଉ ସେଥିପାଇଁ ସେ ସେମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାର ସାମର୍ଥ୍ୟ ରଖନ୍ତି। ୨୦୧୬ରେ ଶ୍ରୀଯୁକ୍ତ ମୋଦୀ ପ୍ରତିଶ୍ରୁତି ଦେଇଥିଲେ ଯେ ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟ ଦ୍ୱିଗୁଣିତ ହେବ; ବର୍ତ୍ତମାନ ଉତ୍ତମ ହେବ ଯଦି ସେ ସର୍ବସମ୍ମୁଖରେ ପ୍ରକାଶ କରନ୍ତି ଯେ ଏଇ ଲକ୍ଷ୍ୟକୁ ହାସଲ କରିବା ବାବଦରେ ରାଷ୍ଟ୍ର କେତେଦୂର ସଫଳ ହୋଇଛି । ମହିଳାମାନଙ୍କ ପାଇଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ତାଙ୍କ ସରକାର ହାତକୁ ନେଇଛି, ଯାହା ମଧ୍ୟରେ ରହିଛି ଉଜ୍ଜ୍ୱଳା ଯୋଜନା ଏବଂ ସ୍ୱଚ୍ଛ ଭାରତ ଶୌଚ ମିଶନ୍, ଯେଉଁଗୁଡ଼ିକ ମହିଳାମାନଙ୍କ ଜୀବନ ଉପରେ ଏକ ପ୍ରଭାବ ପକାଇଛି, ବିଶେଷକରି ଗ୍ରାମାଞ୍ଚଳର ମହିଳାମାନଙ୍କ ଉପରେ। ଏହିସବୁ ଯୋଜନାର ଏକ ସାମ୍ପ୍ରତିକ ସ୍ଥିତିଗତ ରିପୋର୍ଟ ଉପସ୍ଥାପନ କରାଯିବା କ୍ରମରେ ଆସିବ। ଯୁବ ବର୍ଗଙ୍କ ପ୍ରସଙ୍ଗରେ କହିଲେ- ୨୦୧୪ରେ ବିଜେପି ପ୍ରତିଶ୍ରୁତି ଦେଇଥିଲା ବର୍ଷକୁ ଦୁଇ କୋଟି କର୍ମନିଯୁକ୍ତି ସୃଷ୍ଟି କରିବ, କିନ୍ତୁ ଉପଲବ୍ଧ ତଥ୍ୟଗୁଡ଼ିକ ଅନୁସାରେ ସମଗ୍ର ଦେଶରେ ବେକାରୀର ସର୍ବୋଚ୍ଚ ସ୍ତର ରହିଥିବା ଜଣାପଡ଼େ । ନୀତି ଆୟୋଗର ତଥ୍ୟକୁ ଉଦ୍ଧାର କରି ପ୍ରଧାନମନ୍ତ୍ରୀ ଦୃଢ଼ତାର ସହିତ କହିଛନ୍ତି ଯେ ଗତ ନଅ ବର୍ଷ ଭିତରେ ତାଙ୍କ ସରକାର ୨୫ କୋଟି ଲୋକଙ୍କୁ ଗରିବୀରୁ ମୁକ୍ତ କରିଛନ୍ତି, ଯାହା ଅବଶ୍ୟ ଏକ ପ୍ରଶଂସନୀୟ କାର୍ଯ୍ୟ । ନିକଟରେ ସରକାର ହାରାହାରି ୮୦ କୋଟି ଲୋକଙ୍କୁ ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାଗଣାରେ ରାସନ ଯୋଗାଇବା କାର୍ଯ୍ୟ ସମ୍ପ୍ରସାରିତ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ଗୋଟିଏ ପକ୍ଷରେ ସରକାରଙ୍କର ଗରିବମାନଙ୍କ ପ୍ରତି ରହିଥିବା ଚିନ୍ତାର ପରିଚାୟକ ; ତେବେ ଅପର ପକ୍ଷରେ ଏହା ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଦାବିକୁ ସନ୍ଦେହର ବାଦଲ ଭିତରେ ଢାଙ୍କି ଦେଉଛି । ସେ ଯାହାହେଉ, କଠୋର ତଥ୍ୟ ବା ବାସ୍ତବତା ନିର୍ବାଚନୀ ଲାଭ ପ୍ରଦାନ କରି ନଥାଏ, ବରଂ ଯାହା ପ୍ରଦାନ କରିଥାଏ ତାହା ହେଉଛି ଭୋଟରମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ବୁଝାଇବା। ବିଜେପି ବର୍ତ୍ତମାନ ଲୋକମାନଙ୍କ ନିକଟରେ ବିକ୍ରୟ କରିବାକୁ ଚାହୁଁଥିବା କଥାଗୁଡ଼ିକୁ ଚିହ୍ନଟ କରି ସାରିଛି ଏବଂ ବର୍ତ୍ତମାନ ଏହା ଉଦ୍ୟମ କରିବ ସେସବୁକୁ ଲୋକମାନଙ୍କ ନିକଟରେ ବିକ୍ରୟ କରିବାକୁ । ଏହା ଏକ କଠିନ କାର୍ଯ୍ୟ, କିନ୍ତୁ ବିଜେପି ତାହା କରି ଆସିଛି ଓ ଆଗାମୀ ଦିନରେ ଅବଶ୍ୟ କରିବ ବୋଲି ଆଶା କରାଯାଇପାରେ।

ଉଚ୍ଚ ଆସନ

କୀର୍ତ୍ତନ ସାହୁ



ମୋର ଏତେ ସୁନ୍ଦର ରୂପକୁ
କାହିଁ ତ ତମେ ଇର୍ଷା କରନା
ମୋର ଏତେ ସୁଗୁଣ ଭିତରେ
ତମେ ତ କାହିଁ ଦୁର୍ଗୁଣ ଖୋଜନା
ମୋର ଦକ୍ଷତାକୁ ତ ତମେ
ପ୍ରଶଂସା କରିବାରେ ଭୁଲନା
ମୋର ମାର୍ଜିତ ଚାଲି ଚଳନକୁ
ଅନୁକରଣ କରିବାରେ
ହେଳା କରନା
ମୋ ଅମାପ ସମ୍ପତ୍ତିରେ ତ
ତମର ଯାଏ ଆସେନା
ମୋ ଉଚ୍ଚ ପଦବୀକୁ ତ
ତମେ ଦୃଷ୍ଟି ଦିଅନା

ମୋ ବ୍ୟକ୍ତିତ୍ୱ ପାଖରେ
ମୁଣ୍ଡ ନୁଆଇଁବାରେ
ତମର ତ ନଥାଏ ଶୋଚନା
ମୋର କିନ୍ତୁ ଦୃଷ୍ଟି ଥାଏ
ତମେ ଜଣେ ଭଲ ମଣିଷ ହେବାର
ତମ ଅନୁସନ୍ଧିତ୍ସୁ ମନୋଭାବର
ବିଶାଳତା ଉପରେ

ମୁଁ ତମକୁ ମୋ' ଠୁ
ଉଚ୍ଚ ଆସନ ଦିଏ
ମୋ ହୃଦୟରେ ବସାଏ
ତମେ ମୋର ଅତି ଅନ୍ତରଙ୍ଗ
ଖାସ୍ ଆପଣାର
ମଣିଷ ପଣିଆରେ
ମୋ' ଠୁ ଉର୍ଦ୍ଧ୍ୱରେ ।

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ଦମ୍ପତ୍ତି କଳହରେ ନିସ୍ପେଷିତ ସନ୍ତାନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆମ ଦେଶରେ ସମ୍ପର୍କର ସଂଜ୍ଞା ଧିରେ ଧିରେ ଖରାପ ହେବାରେ ଲାଗିଛି। ମହାନଗରରେ ବସବାସ କରୁଥିବା ଶିକ୍ଷିତ, ସଚେତନ ନାଗରିକଙ୍କଠାରୁ ଆରମ୍ଭ କରି ଗାଁ ଓ ସହର ପର୍ଯ୍ୟନ୍ତ ଘନିଷ୍ଠ ସମ୍ପର୍କର ବିଭାଜନ ଅପରାଧିକ ଘଟଣା ଆକାରରେ ସାମ୍ନାକୁ ଆସୁଛି। ବିଶେଷ କରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରସ୍ପରିକ ସଂଘର୍ଷ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଏକ ଅପରାଧିକ ଘଟଣାର ରୂପ ନେଇଥାଏ। ପରସ୍ପର ଜୀବନରେ ଦୂରତା କାରଣରୁ ଘଟିଥିବା କିଛି ଘଟଣା ମନକୁ ଆଶ୍ଚର୍ଯ୍ୟ ଓ ଅବିଶ୍ୱସନୀୟ ମନେ ହୁଏ । ଏପରିକି ନିଜ ପ୍ରିୟଜନଙ୍କୁ ମଧ୍ୟ ନିର୍ଯାତନା ଦେବାର ଅମାନବୀୟ କଥା ଦେଖାଦେଇଛି। ନିକଟରେ ସ୍ୱାମୀ-ସ୍ତ୍ରୀଙ୍କ ଅଲଗା ହେବା କାରଣରୁ ସାମ୍ନାକୁ ଆସିଥିବା ଏକ ଘଟଣା ମାନବ ଆଚରଣରେ ବିକୃତିର ଉଦାହରଣ ପାଲଟିଛି । ଗୋଆର ଏହି ଘଟଣାରେ ଜଣେ ମା' ନିଜ ୪ ବର୍ଷର ନିରୀହ ଶିଶୁକୁ ହତ୍ୟା କରିଛନ୍ତି। ଏହି ମାମଲାର ମୁଖ୍ୟ କାରଣ ହେଉଛି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା କଳହ । ୩୯ ବର୍ଷ ବୟସରେ ଏହି ବର୍ବର କାଣ୍ଡ ଘଟାଇଥିବା ମହିଳାଙ୍କ ବିବାହ ୨୦୧୦ରେ ହୋଇଥିବା ଜଣାପଡିଛି । ୨୦୧୯ରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏହାର ପରବର୍ଷ ଅର୍ଥାତ୍ ୨୦୨୦ରେ ବିବାଦ ଯୋଗୁଁ ସ୍ୱାମୀ-ସ୍ତ୍ରୀଙ୍କ ଛାଡ଼ପତ୍ର ହୋଇଯାଇଥିଲା। ଅଦାଲତ ନିର୍ଦ୍ଦେଶ ଦେଇଥିଲେ ଯେ ପିତା ସପ୍ତାହକୁ ଥରେ ତାଙ୍କ ସନ୍ତାନକୁ ଭେଟିପାରିବେ । ଏହାକୁ ନେଇ ମା' ମାନସିକ ଚାପରେ ଘେରି ରହିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କ ପୁଅ ପ୍ରତି ରବିବାର ତାଙ୍କ ବାପାଙ୍କୁ ଭେଟିବ ବୋଲି ସେ ଚାହୁଁନଥିଲେ। ଏଭଳି ପରିସ୍ଥିତିରେ ପିତାମାତାଙ୍କ ସମ୍ପର୍କର ଦ୍ୱନ୍ଦ୍ୱ ଓ ଭାବନାତ୍ମକ ବିଶ୍ୱାସର ଅଭାବ ପିଲାର ଜୀବନ ନେଇଥିଲା ।ତେବେ ଆର୍ଥିକ ଦୃଷ୍ଟିରୁ ହେଉ ବା ଅନ୍ୟ କୌଣସି କାରଣ

ସ୍ୱାଧୀନ ଓ ଉଚ୍ଚଶିକ୍ଷିତ ମା'ବାପାଙ୍କ ଯୋଗୁଁ ନିସ୍ପେଷିତ ସନ୍ତାନର ଏହା ଏକମାତ୍ର ଘଟଣା ନୁହେଁ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ଥିବା ଝଗଡ଼ା ପ୍ରତିଦିନ କିଛି ନା କିଛି ପିଲାଙ୍କ ଜୀବନକୁ ପ୍ରଭାବିତ କରୁଛି। ଦାରିଦ୍ର୍ୟର ଦୁଷ୍ଟଚକ୍ରରେ ଫସି ରହିଥିବା ପରିବାରଠାରୁ ଆରମ୍ଭ କରି ଧନୀ ଲୋକଙ୍କ ପର୍ଯ୍ୟନ୍ତ ପିତାମାତାଙ୍କ ଅହଂକାର ନୂଆ ପିଢ଼ିର ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲି ଦେଉଛି। ଏହା ଦୁର୍ଭାଗ୍ୟଜନକ ଯେ ପିତାମାତାଙ୍କ ଭୂମିକାରେ ଅଭିନୟ କରୁଥିବା ଦୁଇ ଜଣ ବ୍ୟକ୍ତି ବୁଝି ପାରୁନାହାନ୍ତି, ସେମାନଙ୍କର ପାରସ୍ପରିକ ସଂଘର୍ଷ ପିଲାମାନଙ୍କ ମନ ଏବଂ ଜୀବନଉପରେ କ୍ଷତ ସୃଷ୍ଟି କରେ। ବୈବାହିକ ସମ୍ପର୍କର ବିଶୃଙ୍ଖଳିତ ପରିସ୍ଥିତିରେ ପିଲାଙ୍କ ଜୀବନ ମଧ୍ୟ କଷ୍ଟକର ହୋଇଥାଏ। ଯେଉଁ ପିଲାମାନେ ଭବିଷ୍ୟତର ଅର୍ଥ ବୁଝନ୍ତି ନାହିଁ ସେମାନେ ଭବିଷ୍ୟତ ଜୀବନକୁ ନେଇ ଅସୁରକ୍ଷିତତା ରେ ଘେରି ରହିଥାନ୍ତି । ଏକାକୀତାର ଭୟ ସେମାନଙ୍କ ମନକୁ ଆସିଥାଏ। ପିତାମାତାଙ୍କ ମଧ୍ୟରେ ଥିବା ଅଭିଯୋଗର ଖେଳ ଦେଖି ସେମାନେ ମଧ୍ୟ ସାମାଜିକ ଜୀବନରୁ ବିଚ୍ଛିନ୍ନ ହୋଇଯାଆନ୍ତି। ଦୀର୍ଘଦିନର ବୈବାହିକ କଳହ କେବଳ ଶିଶୁର ଭାବନାତ୍ମକ ଏବଂ ଶାରୀରିକ ଜୀବନ ଉପରେ ନୁହେଁ ବରଂ ବ୍ୟବହାରିକ ଜୀବନ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ । ଘରେ କଳହ କୁ ଦେଖୁଥିବା ପିଲାମାନଙ୍କର ଆରାମଦାୟକ ରୁଟିନ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଦୈନନ୍ଦିନ କାର୍ଯ୍ୟକଳାପ ମଧ୍ୟ ବିଚଳିତ ହେବା ଆରମ୍ଭ କରିଦିଏ । ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ବୟସରେ ପିଲାମାନେ ଶାରୀରିକ ଓ ମାନସିକ ଯତ୍ନ ଆବଶ୍ୟକ କରନ୍ତି, ସେତେବେଳେ ସେମାନେ ଏକୁଟିଆ ରହିଯାଆନ୍ତି ।କିଛି କ୍ଷେତ୍ରରେ ପିଲାମାନେ ନିଜେ ଅପରାଧୀ ହୋଇ ଦୁନିଆ ଠାରୁ ବିଚ୍ଛିନ୍ନ ହୋଇଯାଆନ୍ତି । ବୈବାହିକ ବିଚ୍ଛେଦ ର ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଯେ ପିଲାମାନଙ୍କ ରକ୍ଷଣାବେକ୍ଷଣ ଏବଂ ନିରାପତ୍ତା ପାଇଁ ଘରେ ଯୁଦ୍ଧର ବାତାବରଣ ଦେଖାଦିଏ। ପିତାମାତାଙ୍କ ସମ୍ପର୍କ ଖରାପ ହେବାରେ ପିଲାମାନେ ମଧ୍ୟ କ୍ଷତିଗ୍ରସ୍ତ ହୁଅନ୍ତି। ଏଭଳି ଘଟଣାକୁ ଦୃଷ୍ଟିରେ ରଖି କିଛି ଦିନ ତଳେ ସୁପ୍ରିମକୋର୍ଟ ଛାଡ଼ପତ୍ର ମାମଲାରେ ପ୍ରତ୍ୟେକ ପିତାମାତାଙ୍କ ଚେତନା ଜାଗ୍ରତ କରିବା ପାଇଁ ଏକ ମନ୍ତବ୍ୟ ଦେଇଥିଲେ। ଅଦାଲତ କହିଥିଲେ ଯେ ସୁରକ୍ଷା ହେଉ କି ଛାଡପତ୍ର ପାଇଁ ଲଢ଼େଇରେ ପିଲାମାନେ ସବୁବେଳେ ହଇରାଣ ହୁଅନ୍ତି। ପିଲାମାନେ ଏଥିପାଇଁ ହଇରାଣ ହେବା ସହିତ ଏହି ସମୟରେ ନିଜ ପିତାମାତାଙ୍କ ସ୍ନେହ ଓ ଶ୍ରଦ୍ଧାରୁ ମଧ୍ୟ ବଞ୍ଚିତ ହୁଅନ୍ତି । ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ପିଲାମାନେ ସେମାନଙ୍କର ବିନା ଦୋଷରେ ଯନ୍ତ୍ରଣା ଭୋଗୁଛନ୍ତି। ଚିନ୍ତାର ବିଷୟ ହେଉଛି ଅନେକ କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ର ଲଢେଇ ବର୍ଷ ବର୍ଷ ଧରି ଚାଲିଥାଏ । ସୁପ୍ରିମ୍ କୋର୍ଟ କହିଛନ୍ତି ଯେ ଯଦି ମଧ୍ୟସ୍ଥତା ମାଧ୍ୟମରେ ବୈବାହିକ ବିବାଦର ସମାଧାନ କରାନଯାଏ, ତେବେ ଅଦାଲତ ଯଥାସମ୍ଭବ ଶୀଘ୍ର ଏଭଳି ମାମଲାର ସମାଧାନ କରିବାକୁ ଚେଷ୍ଟା କରିବା ଉଚିତ୍। କାରଣ ଏହି ପ୍ରକ୍ରିୟାରେ ପ୍ରତ୍ୟେକ ଦିନ ଶିଶୁଟିଏ ନିର୍ଯାତିତ ହୁଏ।ଏହା ବୁଝିବା କଷ୍ଟକର ନୁହେଁ ଯେ ଛାଡ଼ପତ୍ର ପ୍ରକ୍ରିୟା ସମୟରେ ମଧ୍ୟ ପିତାମାତାଙ୍କ ମଧ୍ୟରେ ତିକ୍ତତା, ଅଭିଯୋଗ ଏବଂ ଉତ୍ତେଜନା ପିଲାମାନଙ୍କୁ ସେମାନଙ୍କ ଭବିଷ୍ୟତକୁ ନେଇ ଭୟଭୀତ କରିଥାଏ । ଛାଡ଼ପତ୍ର ପରେ ପିଲାଙ୍କ ଦାୟିତ୍ୱ, ଲାଳନପାଳନ ବିବାଦର ବିଷୟ ପାଲଟିଥାଏ। ଏପରିକି ଛାଡ଼ପତ୍ର ପରିସ୍ଥିତିରେ ମଧ୍ୟ ନ୍ୟାୟିକ ନିୟମ ପାଳନ କରିବା ସହ ମାନବିକ ଆରାମର ଭାବନା ରଖିବା ଜରୁରୀ। ବିଶେଷ କରି ପିତାମାତା ଏହା ଉପରେ ଗୁରୁତ୍ୱ ଦେବା ଉଚିତ୍। ଏହା ସତ ଯେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରସ୍ପରିକ ମତଭେଦ ଯୋଗୁଁ ଯଦି ପରିସ୍ଥିତି ଅସହ୍ୟ ହୋଇଯାଏ, ତେବେ ଅଲଗା ହେବା ଏକ ଉପାୟ ଅଛି, କିନ୍ତୁ ଭାଙ୍ଗିଯାଇଥିବା ସମ୍ପର୍କର ଏହି ମୁହୂର୍ତ୍ତରେ, ସମ୍ବେଦନଶୀଳତା, ସଚେତନତା ଏବଂ ବୁଝାମଣା ର ଆବଶ୍ୟକତା ରହିଛି । ଅଲଗା ହେବା ସମୟରେ ମଧ୍ୟ ଉଭୟ ପକ୍ଷ ପରିପକ୍ୱ ଚିନ୍ତାଧାରା ସହିତ ପରିବେଶ ଉପରେ ଗୁରୁତ୍ୱ ଦେବା ଜରୁରୀ ।ପ୍ରାୟ ତିନି ଦଶନ୍ଧିର ଗବେଷଣା ଅନୁଯାୟୀ, ବିବାହିତ, ଜୈବିକ ପିତାମାତାଙ୍କ ସହିତ ରହୁଥିବା ପିଲାମାନଙ୍କର ଶାରୀରିକ, ଭାବନାତ୍ମକ ଏବଂ ଶିକ୍ଷାଗତ ବିକାଶ କ୍ରମାଗତ ଭାବରେ ଉନ୍ନତ ହୋଇଥାଏ,। ମାତା ପିତା ଅଲଗା ହେବା ପରେ ମଧ୍ୟ ମନୋଭାବ ଅଭାବ ଓ ଅନ୍ୟାନ୍ୟ କଳୁଷିତ ଚିନ୍ତାଧାରା କାରଣରୁ କେତେବେଳେ ପରସ୍ପରକୁ ହତ୍ୟା କରିବା ର ଘଟଣା ସାମ୍ନାକୁ ଆସେ ତ କେତେବେଳେ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ । ଗୋଆ ଘଟଣା ଘଟାଇଥିବା ମା' ବିଦେଶରେ ପାଠ ପଢ଼ିଛନ୍ତି। ୨୦୨୧ରେ ସେ 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏଥିକ୍ସ'ର ଶହେ ପ୍ରତିଭାବାନ ମହିଳାଙ୍କ ତାଲିକାରେ ସ୍ଥାନ ପାଇଥିଲେ । ସେ ଜଣେ ସଚେତନ ମହିଳା। ବାସ୍ତବରେ ଏଭଳି ଘଟଣା ମାନବ ମାନସିକ ସ୍ଥିତିର ଦ୍ୱନ୍ଦ୍ୱର ପରିଣାମ ମଧ୍ୟ । କେତେବେଳେ ମୁହୂର୍ତ୍ତର କ୍ରୋଧ ଚକ୍ରରେ ତ କେତେବେଳେ ଭବିଷ୍ୟତ ସହ ଜଡ଼ିତ ଭୟର ଚକ୍ରରେ ମଣିଷ ଏଭଳି ଦୁଃଖଦାୟକ ଘଟଣା ଘଟାଇଥାଏ। ନିଃସନ୍ଦେହରେ, ସାମାଜିକ-ପାରିବାରିକ ସମ୍ପର୍କର ଜଟିଳ ଗଣ୍ଠି ଏଭଳି ଅପରାଧର ଆଧାର ପାଲଟିଥାଏ। ଏ କ୍ଷେତ୍ରରେ ମଧ୍ୟ ଜଣେ ମେଧାବୀ, ଉଚ୍ଚଶିକ୍ଷିତ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ମହିଳା ନିଜ ନିରୀହ ସନ୍ତାନର ଜୀବନ ଛଡ଼ାଇ ନେବାର ମାନସିକତାକୁ ଗଭୀର ଭାବରେ ବୁଝିବା ଜରୁରୀ। କହିବା ବାହୁଲ୍ୟ ଯଦି ଅଲଗା ହେବା ପରେ ମଧ୍ୟ ପିତାମାତାଙ୍କ ମଧ୍ୟରେ ଯୋଗାଯୋଗ ଠିକ୍ ଭାବେ ଚାଲିଥାନ୍ତା, ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ସିଧାସଳଖ କଥାବାର୍ତ୍ତା ଏବଂ ଦୁହିଁଙ୍କ ସ୍ୱତଃସ୍ଫୂର୍ତ୍ତ ସମନ୍ୱୟ ମହିଳାଙ୍କ ମନରେ ଅସୁରକ୍ଷିତ ଭାବନା ସୃଷ୍ଟି କରେ ନାହିଁ । ଏହି ଅପରାଧିକ ଘଟଣାର ମୂଳରେ ଥିବା ପିଲାଟି ପ୍ରତେକ ଛାଡ଼ପତ୍ରପ୍ରାପ୍ତ ପିତାମାତାଙ୍କୁ ଏଭଳି ଦିଗକୁ ଗମ୍ଭୀରତାର ସହ ବୁଝିବାକୁ ସଚେତନ କରାଇଗଲା। । ପରିବର୍ତ୍ତିତ ସାମାଜିକ ପରିବେଶରେ ମନରୁ ଜୀବନକୁ ପରିବର୍ତ୍ତନ ହେଉଥିବା ପ୍ରତ୍ୟେକ ଦିଗ ସକାରାତ୍ମକ ନୁହେଁ। ବିଶେଷକରି ପରିବାରକୁ ନେଇ ଆମ ସମ୍ମୁଖରେ ନୂଆ ପ୍ରଶ୍ନ ଓ ନୂଆ ସମସ୍ୟା ପ୍ରତିଦିନ ଚ୍ୟାଲେଞ୍ଜ ଭାବେ ଠିଆ ହୁଏ। ଏହାକୁ ସଠିକ ଭାବେ ଗ୍ରହଣ କଲେ ଜୀବନ ସରସ ଓ ସୁନ୍ଦର। ଦୁନିଆର ଅନେକ ଦେଶ ତୁଳନାରେ ଆମ ଦେଶରେ ଛାଡ଼ପତ୍ର ମାମଲା ବହୁତ କମ୍ ରହିଛି। ଏହା ସତ୍ତ୍ୱେ ବୈବାହିକ ଜୀବନ ସହ ଜଡ଼ିତ ଜଟିଳତା ଅପରାଧ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ୱାର୍ଲ୍ଡ ଅଫ୍ ଡାଟା ଷ୍ଟାଟିଷ୍ଟିକ୍ସର ତଥ୍ୟ କହୁଛି ଯେ ଭାରତରେ ଛାଡ଼ପତ୍ର ମାମଲା ଏବେ ବି ମାତ୍ର ୧ ପ୍ରତିଶତ ରହିଛି। ପ୍ରକୃତ ସମସ୍ୟା ହେଉଛି ଛାଡ଼ପତ୍ର ପରେ ମଧ୍ୟ ନ୍ୟାୟିକ ନିଷ୍ପତ୍ତିକୁ ପାଳନ କରିବା ଏବଂ ଜୀବନକୁ ସମ୍ମାନଜନକ ଭାବରେ ବଞ୍ଚିବାର ଭାବନା ଆମର ନାହିଁ । ସମ୍ପର୍କର ଅବନତି ଯୁଗରେ ମଧ୍ୟ ସହନଶୀଳତା ଓ ବିଚାର ସକାରାତ୍ମକତା ଜରୁରୀ ।

+ନୟାଗଡ଼
ମୋ:୯୪୩୭୬୪୨୯୪୭

ଓବିସି ହତାଶ

ଅଧ୍ୟାପକ ଗୋପବନ୍ଧୁ



ଧାରାବାହିକ ଉପନ୍ୟାସ

ଦୁରନ୍ତ ଶିଖା

ଭାଗ-୬

ଡ.ସିନ୍ଧୁ ସେନ୍

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ କାହିଁକି ଗ୍ରହଣ କରିପାରେନା, ଆତ୍ମା ସହ ପରମାତ୍ମାର ନିବିଡ଼ ସମ୍ପର୍କକୁ। ଆତ୍ମାର ଅମରତ୍ୱକୁ ମୁଁ କାହିଁକି ମାନିନେଇ ପାରେନା । ବାପା ଯେତେବେଳେ ଆମ ସବୁ ଶିଷ୍ୟମାନଙ୍କୁ ମନ୍ତ୍ରଗୁଡ଼ିକ ବୁଝାଉଥାନ୍ତି । ମୁଁ ସବୁ ଶୁଣେ, କିନ୍ତୁ ତାଙ୍କ କଥାଗୁଡ଼ିକ ବିଶ୍ୱାସ କରିପାରେନି । ମୋତେ ଯେମିତି ଲାଗୁଥିଲା । ଗୁରୁଟିଏ ତାର ଶିଷ୍ୟମାନଙ୍କୁ ଯାହା ବୁଝାଇ ଦିଏ । ସମସ୍ତେ ତାକୁ ଅକ୍ଷରେ ଅକ୍ଷରେ ମାନି ନେଉଥାନ୍ତି ସତ, ହେଲେ ମୋ ମନ କାହିଁକି ସେ ସବୁକୁ ଗ୍ରହଣ କହିବାକୁ ପ୍ରସ୍ତୁତ ହେଉ ନଥିଲା, ମୋ ପାଇଁ ସେସବୁ ଖାପଛଡ଼ା ଲାଗୁଥିଲା । ମୋ ମତରେ ଦେହ ହିଁ ସର୍ବସ୍ୱ । ତେଣୁ ଦେହସର୍ବସ୍ୱ ପ୍ରାଣକୁ ମୁଁ ବେଶିବେଶି ଗୁରୁତ୍ୱ ଦେଉଥିଲି ।

ବାପା ମୋ ନିକଟରେସ ମସ୍ତ ଜ୍ଞାନର ଭଣ୍ଡାର ଖୋଲି ଦେଇଥିଲେ ମଧ୍ୟ ମୋର ସତ୍‌ଜ୍ଞାନ ଅର୍ଜନ କରିବା ତ ଦୂରର କଥା ବରଂ ଦିନକୁ ଦିନ ପାଲଟି ଯାଉଥିଲି ଅଜ୍ଞାନୀ, ଆଜି ଯେବେ ଶଶ୍ମାନ ମାଟି ଉପରେ ଶୋଇଶୋଇ ସେସବୁ ଅତୀତକୁ ରୋମନ୍ଥନ କରୁଛି । ସେତେବେଳେ ଅନୁତାପ ଆସୁଛି ମନରେ । ସତରେ ମୁଁ ସେଦିନ କ'ଣ କରିଥିଲି । କେତେ ଉଦ୍ଭବ ଥିଲା ମୋ ଚିନ୍ତାଧାରା, ସବୁ କିଛି ମୋ ହାତମୁଠାରେ ଥାଇ ମଧ୍ୟ ମୁଁ ହରାଇ ଦେଇଥିଲ ସବୁକିଛି । ସତରେ ଯେମିତି ଜ୍ଞାନର ଝରିକାଠି ମୁଁ ହଜାଇ ଦେଇଥିଲି। ଖୋଜିବାର ସାମାନ୍ୟତମ ଲାଳସା ମଧ୍ୟ ନ ଥିଲା ମୋ ନିକଟରେ।

ଜ୍ଞାନ-ଅଜ୍ଞାନର ସଂଘର୍ଷ ମଧ୍ୟରେ ମୋର ଆଶ୍ରମ ଜୀବନ ଅତିବାହିତ ହୋଇଗଲା । ସେଠି ରହିବା ମଧ୍ୟରେ ମୁଁ ଯେ କେବଳ ବେଦ ଅଧ୍ୟୟନ କରିବାକୁ ସୁଯୋଗ ପାଇଥିଲି ତା ନୁହେଁ, ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ବିଦ୍ୟାରେ ମଧ୍ୟ ପାରଙ୍ଗମ ହେବାର ସୁଯୋଗ ପାଇଥିଲି । ଏମିତି କି ମଲ୍ଲବିଦ୍ୟାରେ ମଧ୍ୟ ଧୁରନ୍ଧର ପାଲଟି ଯାଇଥିଲି । ପିଲାଟି ଦିନରୁ ଯୁଦ୍ଧବିଦ୍ୟା ପ୍ରତି ମୋର ଦୁର୍ବଳତା ଥିଲା । ମଲ୍ଲଯୁଦ୍ଧ ସମ୍ବନ୍ଧରେ ମଧ୍ୟ ଜ୍ଞାନ ଆହରଣ କରିବାକୁ ଆଗ୍ରହ ଥିଲା । ତେଣୁ ସେସବୁ ସୁଯୋଗକୁ ହାତଛଡ଼ା ନକରି ମୁଁ ସେଥିରେ ମନପ୍ରାଣ ଦେଲି । ଉତ୍ତୀର୍ଣ୍ଣ ହେଲି ମଧ୍ୟ । ମୋର ଅନ୍ୟ ଦୁଇଭାଇ ମଧ୍ୟ ସେସବୁ ବିଦ୍ୟା ଆୟତ୍ତ କରିଥିଲେ। ସେମାନେ ମଧ୍ୟ ପାଲଟି ଯାଇଥିଲେ ଜଣେଜଣେ ମହାବୀର ।

ଏବେବି ମୋର ମନେପଡ଼େ, ବାପା ଯେତେବେଳେ ଆମକୁ ଶିକ୍ଷା ଦେଉଥିଲେ, ସେ ଆଧ୍ୟାତ୍ମିକ ଶିକ୍ଷା ପ୍ରତି ବେଶି ଗୁରୁତ୍ୱ ଦେଉଥିଲେ । ଆମକୁ ବେଦବେଦାନ୍ତ, ଆତ୍ମତତ୍ତ୍ୱ ସମ୍ବନ୍ଧରେ ବୁଝାଉଥିଲେ । କାରଣ ତାଙ୍କର ପ୍ରବଳ ଧୀଶକ୍ତି ଥିଲା । ପୁଣି ସେ ନିଜେ ଥିଲେ ଆଧ୍ୟାତ୍ମବାଦୀ, ଆତ୍ମା, ପରମାତ୍ମା ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କଲାବେଳେ ସେ ଭାବବିହ୍ୱଳ ହୋଇ ପଡୁଥିଲେ ଆମେ ଋଷିକୁମାର ମାନେ ମନପ୍ରାଣ ଦେଇ ସେସବୁ ଶୁଣୁଥିଲୁ । ମୁଁ ଲକ୍ଷ୍ୟ କରୁଥିଲି ମୋ ଠାରୁ ମୋ ସାନଭାଇ ବିଭୀଷଣ ଆଧ୍ୟାତ୍ମିକ ଜ୍ଞାନରେ ଥିବା ଅନେକ ଆଗରେ । ମୋ ଯେଉଁଠି ଯୁଦ୍ଧବିଦ୍ୟା ପ୍ରତି ଦୁର୍ବଳତା ଥିଲା । ସାନଭାଇର ସେଠି ଧର୍ମଜ୍ଞାନ ପ୍ରତି ଦୁର୍ବଳତା ରହୁଥିଲା । ତେଣୁ ସେସବୁ କ୍ଷେତ୍ରରେ ସେଥିଲେ ବେଶ୍ ଦକ୍ଷ ।

ଏବେ ମୁଁ ରାମଙ୍କ ସଂସ୍ପର୍ଶରେ ଆସି ବୁଝିପାରୁଛି । ସେଦିନ ଯଦି ବିଭୀଷଣ ପରି ଆତ୍ମଜ୍ଞାନରେ ପାରଙ୍ଗମ ହୋଇପାରିଥାନ୍ତି ତେବେ ମୋ ଜୀବନ ଧନ୍ୟ ହୋଇଯାନ୍ତା । କିନ୍ତୁ ମୁଁ ଯେ ରାବଣ, ସେଦିନ ସେ ସମୟରେ ମୋ ମନରେ ସେସବୁ ସତ୍‌ବୁଦ୍ଧି କାହିଁକି ଆସିଥାନ୍ତା । ମୁଁ ତ ମହାବୀର ହେବା ଆଶାରେ ବିଭୋର ।

ଆଜି ଅନ୍ତିମ ମୁହୂର୍ତ୍ତରେ ମୋର ବିଭୀଷଣକୁ ବହୁତ ମନେପଡୁଛି । ଯିଏ ମୋତେ ବାରମ୍ବାର ରାମଙ୍କ ସହ ଶତ୍ରୁତା କରିବାକୁ ବାରଣ କରୁଥିଲେ । ମୋତେ ଅବାଟରୁ ଫେରାଇ ଆଣିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ । ମୁଁ କିନ୍ତୁ ତା ଉପଦେଶ ମାନି ନଥିଲି ।

ହେଲେ, ଗୋଟିଏ ଦୃଷ୍ଟିକୋଣରୁ ଭାବିଲେ, ମୁଁ ତ କିଛି ଭୁଲ୍ କରିନି । ରାମଙ୍କ ସହ ମିତ୍ରତା କରିଥିଲେ ଏବେ କ'ଣ ରାମଚନ୍ଦ୍ରଙ୍କୁ ସାମ୍ନା ସାମ୍ନି କରିପାରିଥାନ୍ତି । ନା ପ୍ରଭୁ ଶ୍ରୀରାମ ମୋ ସହ ଯୁଦ୍ଧ କରିବା ପାଇଁ ଦଳବଳ ନେଇ ମୋ ପାଖକୁ ଆସିଥାନ୍ତେ । ମୋତେ ତେଣୁ ସେସବୁ ଭାବିଲେ ଆନନ୍ଦ ଲାଗେ । ସତରେ କେଉଁଠି ପ୍ରଭୁ ଶ୍ରୀରାମ ଆଉ କେଉଁଠି ମୁଁ । ଜଣେ ଦୁର୍ଦ୍ଦାନ୍ତ, ପାପିଷ୍ଠ ରାକ୍ଷସ । ଆଉ ଜଣେ ସ୍ୱୟଂ ବିଷ୍ଣୁ ଅଂଶରେ ଜାତ ଅବତାରୀ ପୁରୁଷ । ଶତ୍ରୁ ହୁଏ ପଛେ ସ୍ୱୟଂ ବିଷ୍ଣୁଙ୍କ ସହ ଯୁଦ୍ଧ କରିବାର ସୁଯୋଗ ପାଇଲି । ପୁଣି ପ୍ରଭୁ ଶ୍ରୀରାମଙ୍କୁ ମୋ ଛାତିରେ ବ୍ରହ୍ମଶର ପ୍ରୟୋଗ କରିବାକୁ ପଡ଼ିଲା । ଏମିତି ସୁଯୋମ ଆମ ଲଙ୍କା ରାଜ୍ୟରେ କାହାକୁ କେବେ ମିଳିଥିଲା ନା ଆଗକୁ ମିଳିବ । ମୁଁ ତେଣୁ ଦୁଃଖ କରିବି କାହିଁକି ବରଂ ଛାତିରେ ହାତ ପକାଇ ଏତିକି କହିବି ସମଗ୍ର ଜୀବନର ସଂଗ୍ରାମ ମୋର ବୃଥା ଯାଇନି । ମୁଁ ମୋ ଝହିଁବା ଠାରୁ ଅନେକ ଅଧିକ ପାଇଚି । ତେଣୁ ମୋତେ ଯିଏ ଯାହା କହୁନା କାହିଁକି, ମୁଁ ଜାଣେ ମୁଁ ଯାହା କରିଛି ଠିକ୍ କରିଛି । ପ୍ରଭୁଙ୍କ ସହ ଶତ୍ରୁତା କରି କିଛି ଭୁଲ୍ କରିନି । ଦେବୀ ସୀତାଙ୍କୁ ଅପହରଣ କରି କାମୁକ ପାଲଟି ଯାଇନି । ବରଂ ନିଜକୁ ନିଜେ ସାନ୍ତ୍ୱନା ଦେଇଛି ।

ମୁଁ ରାବଣ ଜଗତ ଆଗରେ ମହାପାପୀ ଦୁର୍ଦ୍ଦାନ୍ତ ଦାନବ । ହେଲେ ମୁଁ ଯଦି ସେଦିନ ରାମଙ୍କ ସହ ମିତ୍ରତା କରି ତାଙ୍କୁ ସୀତାଦେବୀଙ୍କୁ ଫେରାଇ ଦେଇଥାନ୍ତି ମୋତେ ଆଗାମୀ ଜଗତ କ'ଣ ଚିହ୍ନି ପାରିଥାନ୍ତା । ଇତିହାସ ବକ୍ଷରେ ମୋ ଚରିତ୍ର ଏକ କଳଙ୍କିତ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିଗଲେ ବି ଦିନେନା ଦିନେ ଏହି କଳିଯୁଗର ମଣିଷମାନେ ମୋ ଚରିତ୍ରର ଅନ୍ୟଦିଗ ପ୍ରତି ନିଶ୍ଚିତ ତର୍ଜମା କରିବେ । ମୋ ମୃତ୍ୟୁର ବହୁବର୍ଷ ପରେ ମଧ୍ୟ ମୋ ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରିବେ ।

ମୁଁ ରାବଣ ସବୁଦିନେ ରାବଣ ହୋଇ ରହିଥିବି ମଧ୍ୟ । ହେଲେ ମୋ ଜୀବନ ବୃତ୍ତାନ୍ତ କଳିଯୁଗର ମଣିଷ ମାନଙ୍କୁ ଆଲୋକବର୍ତ୍ତିକା ଭଳି ପଥ କଢ଼ାଇ ନେବ । ସେଦିନ କେହି ଯଦି ମୋତେ 'ଦୁରନ୍ତଶିଖା' ରୂପେ ଅଭିହିତ କରିବ, ତେବେ ମୁଁ ଯେଉଁଠି ଥାଏନା କାହିଁକି ମୋ ଜୀବନ ଧନ୍ୟ ହୋଇଯିବ। ମୁଁ ପାଇବି ଆତ୍ମସନ୍ତୋଷ ।

॥ ଝରି ॥

ଆଶ୍ରମ ଜୀବନରେ ମୁଁ କିଶୋର ଥିଲି । କିଶୋର ବୟସର ଏକ ସ୍ୱତନ୍ତ୍ର ମହକ ଅଛି । ସଂପୂର୍ଣ୍ଣ ଜ୍ଞାନର ଉଦୟ ହୋଇ ନଥାଏ । ନା ଥାଏ ମନରେ ଶିଶୁସୁଲଭ ଚପଳତା ନା ଯୌବନର ଚଞ୍ଚଳତା । ଅବୁଝା, ସରଳ ମନ । ଛଳକପଟର ସ୍ଥାନ ନାହିଁ । କେବଳ ଯାହା ଭଲ ଲାଗିଲା, ସେ ସବୁ କଲି ଅସ୍ତ୍ରବିଦ୍ୟା, ମଲ୍ଲବିଦ୍ୟା ଶିଖିବା ଭିତରେ ମୁଁ ଯେମିତି ଅନୁଭବ କରୁଥିଲି ମୋ ଭିତରେ କିଛି ଗୋଟାଏ ପରିବର୍ତ୍ତନ ହେବାକୁ ଯାଉଛି । ମୋ ଅଙ୍ଗପ୍ରତ୍ୟଙ୍ଗ ଯେମିତି ଅଧିକ ବଳଶାଳୀ ହୋଇଯାଇଛି । ମୁଁ ଆଗକୁ ଆହୁରି ନିଜର ପରାକ୍ରମ ଦେଖାଇ ପାରିବି ତାହା ମୁଁ ଲପଲବ୍ଧି କରି ପାରୁଥିଲି । ମୋ ନିଜସ୍ୱ ଚିନ୍ତା ଚେତନାରେ ଅନେକ କିଛି ପରିବର୍ତ୍ତନ ହେଉଥିବା ଭଳି ଅନୁଭବ କଲି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତ୍ରିପାଦମୋଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୩୩ ॥

କଣ ଏହି ପ୍ରଭୁଙ୍କ ଧୃତ ପଦ୍ମ ?

ବରାହଙ୍କ ଜନ୍ମ ପୂର୍ବରୁ ସୃଷ୍ଟି ହୋଇଥିଲା କୃଷ୍ଣା ବର୍ତ୍ତ ରୂପକ ଶଙ୍ଖ, ଗ୍ରହ ପଥ୍ ରୂପକ ଚକ୍ର, ସୃଜନ ସମୟ ରୂପକ ପଦ୍ମ ଏବଂ ପର୍ବତ ରୂପକ ଗଦା। ବିଷ୍ଣୁଙ୍କର ନାଭି ପଦ୍ମରୁ ବ୍ରହ୍ମା ଜନ୍ମ ହୋଇଥିଲେ। ତେଣୁ ବିଷ୍ଣୁଙ୍କୁ ପଦ୍ମ ନାଭ କୁହାଯାଏ। କିନ୍ତୁ ପଦ୍ମରୁ ଜାତ ହୋଇଥିବ। ବ୍ରହ୍ମାଙ୍କ ନାମ ମଧ୍ୟ ପଦ୍ମ ଯୋନି ହେଲା କାହିଁକି ? ବ୍ରହ୍ମା ଜଣେ ପୁରୁଷ ନାଁ ଜଣେ ନାରୀ ? ଏହାର କାରଣ ବୋଧ ହୁଏ ବିଷ୍ଣୁଙ୍କ ନାଭିରୁ ସୃଷ୍ଟି ହୋଇଥିବା ପଦ୍ମ ଉପରେ ଆସୀନ ବ୍ରହ୍ମା ଏହି ପଦ୍ମର ନାଡ ଦେଇ ଅନନ୍ତ ଜୀବନ ବିଷ୍ଣୁଙ୍କ ହିରଣ୍ମୟ ଗର୍ଭରୁ ସୃଷ୍ଟିର ଉପାଦାନ ଗ୍ରହଣ କରିଥିଲେ। ବ୍ରହ୍ମା ପୁରୁଷ ବାଚକ ହେଲେ ମଧ୍ୟ ତାଙ୍କଠାରେ ଥିବା ବ୍ରହ୍ମ ଅଣ୍ଡରେ ଏକ ପୁରୁଷ ଏବଂ ଏକ ନାରୀ ଉଭୟ ସୃଷ୍ଟିର ଉପାଦାନ ରହିଥିଲା। ସୃଷ୍ଟିର ଏହି ନାଡୀ ବ୍ରହ୍ମାଙ୍କ ଅଣ୍ଡ ମଧ୍ୟକୁ ଜୀବନ ଶକ୍ତି ବହନ କରି ଆଣିଲା ଏବଂ ସୃଷ୍ଟି ସହ ଏହି ନାଡୀ ବ୍ରହ୍ମାଙ୍କ ପଦ୍ମ ଯୋନି ସହିତ ସଂଯୁକ୍ତ ରହିଲା। ଏହି ସୃଜନ ସମୟ ଏକ ପଦ୍ମ କଳ୍ପ ସମୟ ଅବା ଏକ ସହିତ ଏକ ବିଂଶ ଶୂନ୍ୟ ସଂଖ୍ୟକ ସମୟ ଥିଲା। ସେଥି ମଧ୍ୟରୁ ଆକାଶ ଗଙ୍ଗା ଛାୟା ପଥ ପ୍ରାୟ ତେର କୋଟି ବର୍ଷ ପୂର୍ବେ, ସୂର୍ଯ୍ୟ ପୃଥିବୀ ଓ ଚନ୍ଦ୍ର ପ୍ରାୟ ଚାରିଶହ ଷାଠିଏ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିଲେ। ଅତଏବ ବ୍ରହ୍ମା ଆସୀନ ସୃଜନ ସ୍ଥାନର ପ୍ରତୀକ ହେଉଛି ପଦ୍ମ।

ଦ୍ୱିତୀୟରେ ପୃଥିବୀରେ ପଦ୍ମ ନାମରେ ଏକ ଫୁଲର ସୃଷ୍ଟି ହୋଇଥିଲା। ଯାହା ପ୍ରଭାତ ସୂର୍ଯ୍ୟଙ୍କ କିରଣରେ ଫୁଟି ଉଠେ ଏବଂ ରାତିରେ ମଉଳିଯାଏ । ତେଣୁ ପଦ୍ମ, ଆଲୋକ, ସୃଜନ, ନିଷ୍ପାପର ପ୍ରେମ ଏବଂ ଆଧ୍ୟାତ୍ମିକତାର ପ୍ରତୀକ ଅଟେ। ବରାହଙ୍କର ସୃଷ୍ଟି ପୂର୍ବରୁ ପ୍ରାୟ ଚଉଦ କୋଟି ବର୍ଷ ପୂର୍ବେ ଏହି ପଦ୍ମ ପ୍ରଥମେ ଜଳ ଭାଗରେ ସୃଷ୍ଟି ହୋଇସାରିଥିଲା। ଶଙ୍ଖ ମଧ୍ୟ ସୃଷ୍ଟି ହୋଇ ଥିଲା। ପଥର ଅସ୍ତ୍ର ରୂପକ ପ୍ରାକୃତିକ ଗଦା ମଧ୍ୟ ସୃଷ୍ଟି ହୋଇ ଥିଲା। ସୃଷ୍ଟି ହୋଇ ଥିଲା, ଚନ୍ଦ୍ର ମଣ୍ଡଳ, ସୂର୍ଯ୍ୟ ମଣ୍ଡଳ, ବାୟୁର ଓ ଜଳର ତରଙ୍ଗ ଭଉଁରୀ ରୂପକ ଚକ୍ର ! ଯାହାକୁ ଦେଖି ଆଦିମ ମନୁଷ୍ୟ ବାସ୍ତବ ଶଙ୍ଖ ଚକ୍ର, ଗଦା ଓ ପଦ୍ମର ଆକୃତି କଳ୍ପନା କରିଥିଲା।

ତୃତୀୟରେ ଜୀବର ଦେହ ମଧ୍ୟରେ ସୃଷ୍ଟି ହୋଇଥିଲା ଶ, ଚକ୍ର, ଗଦା ଓ ପଦ୍ମ। ଶରୀରର ନାଭି ତଳେ ଥାଏ ମୂଳାଧାର ଚକ୍ର। ଏହି ମୂଳାଧାର ଚକ୍ରରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାମକ ନାଡୀ, ସୂର୍ଯ୍ୟ, ଚନ୍ଦ୍ର ତଥା ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀ ମିଳିତ ଭାବେ ଯୁକ୍ତ ହୋଇ ଅଛନ୍ତି। ଯଦି ଗଙ୍ଗା ଅଛନ୍ତି, ତେବେ ହିମାଳୟ ମଧ୍ୟ ନିଶ୍ଚୟ ଦେହ ମଧ୍ୟରେ ରହିଅଛନ୍ତି। ତେଣୁ ବରାହ, ଅର୍ଥାତ୍ ଏକ ପୂର୍ଣ୍ଣାଙ୍ଗ ପ୍ରାଣୀଙ୍କ ଜନ୍ମ, ହିମାଳୟର ଉଦ୍ଭବ, ଏବଂ ଗଦା ମଧ୍ୟରେ ଏକ ସମ୍ପର୍କ ନିଶ୍ଚୟ ରହିଅଛି। କୁମୁଦର ଅନ୍ୟ ଅର୍ଥ ହେଉଛି ଆନନ୍ଦ। ଏହି ଗଦା ଶତ୍ରୁ ନାଶ କରି ଆନନ୍ଦ ଦେଇଥିବାରୁ ଏହାର ନାମ କୌମୋଦକୀ ହୋଇ ଥାଇପାରେ !

ଏହି ମୂଳାଧାର ଚକ୍ରରେ ଶିବ ଏବଂ ଶକ୍ତି ରହି ଅଛନ୍ତି। ଏଠାରେ କୁଣ୍ଡଳିନୀ ଶକ୍ତି ରହିଅଛି। ଦୁଇଟି କୁଣ୍ଡଳୀ କରିଥିବା ସର୍ପ ଏହାର ପ୍ରତୀକ ଅଟେ। ଏହା ତନ୍ତ୍ର ସ୍ଥାନ ବୋଲି ଲେଖାଅଛି।

ଏଠାରେ ସୃଜନ ଶକ୍ତି ଏବଂ କାମ ଶକ୍ତି ରହିଥାଏ। ସାଧନା ବଳରେ ଏହି କୁଣ୍ଡଳିନୀ ଶକ୍ତି ଜାଗ୍ରତ କଲେ ମାନବ ଅସାଧାରଣ କାର୍ଯ୍ୟ ମାନ କରିବାକୁ ସକ୍ଷମ ହୋଇଥାଏ। ଏହାର ରଙ୍ଗ କମଳା ବା ଲାଲ୍ ବର୍ଣ୍ଣ। ଏହି ସ୍ଥାନରେ ମଧ୍ୟ ଛ ' ପାଖୁଡ଼ା ବିଶିଷ୍ଟ ଏକ ପଦ୍ମ ରହିଅଛି। ଲେଖା ଅଛି ଯେ, ଏହି ପାଖୁଡ଼ା ମାନେ କ୍ରୋଧ, ଘୃଣା, ଈର୍ଷା, ପରଶ୍ରୀ କାତରତା ଆଦି ଛଅଟି ଗୁଣ ଏବଂ ଏହାକୁ ଜୟ କରି ମାନବ ଦେବ ସମାନ ହୋଇ ପାରିଥାଏ।

ସାଧାରଣ ଦୃଷ୍ଟିରେ ଦେଖିଲେ, ନାରୀ ଯେଉଁ ପଥ ଦେଇ ସନ୍ତାନ ଜନ୍ମ ଦେଇଥାଏ, ପ୍ରାଣୀର ଏହି ସ୍ଥାନକୁ ପଦ୍ମ କୁହାଯାଏ। ନାଭି ଦେଇ ମା'ଠାରୁ ଅମ୍ଳଜାନ ଏବଂ ଜୀବନର ଉପାଦାନ ଗ୍ରହଣ କରୁଥିବା ଶିଶୁ ଏହି ନାଭି ନାଡ ସହ ସଂଯୁକ୍ତ ହୋଇ ମାତାର ଗର୍ଭରୁ ଜନ୍ମ ହୋଇଥାଏ। ଏହାକୁ ଫୁଲ ପଡ଼ିବା କହନ୍ତି। ଏହାପରେ ନାଭି କାଟି ମାତାଙ୍କୁ ଶିଶୁଠାରୁ ଅଲଗା କରି ଦିଆଯାଏ। ସାଧାରଣତଃ ସନ୍ତାନଟିଏ ଜନ୍ମ ହେବା ପରେ ମା'ର ତାହା ପ୍ରତି କେବେ ରାଗ ଘୃଣା, କ୍ରୋଧ ଅବା ଈର୍ଷା ଆଦି ଆସିଁ ନଥାଏ ଏବଂ ସେ ତାର ସନ୍ତାନକୁ ହିଁ ସର୍ବୋଚ୍ଚ ଅନାବିଳ ମମତା ଦେଇ ଥାଏ। ମା'ଟିଏ ହିଁ ସାଧାରଣ ମଣିଷରୁ ଦେବୀଟିଏ ହୋଇଯାଇଥାଏ। ଏହି ସୃଜନର ସ୍ଥାନକୁ ହିଁ ପଦ୍ମ ବୋଲି କୁହାଯାଏ।

ଶ୍ରୀକୃଷ୍ଣ ଗୀତାରେ କହି ଅଛନ୍ତି ଯେ, 'ଯଦା ଯଦା ହି ଧର୍ମସ୍ୟ..... ସୃଜନାମ୍ୟହମ୍ ।' ଅର୍ଥାତ୍ ଯେତେବେଳେ ଧର୍ମ ବା ମାନବିକତାରେ ଗ୍ଲାନି ଘଟେ, ସେ ପୁନଃ ଏହାର ପ୍ରତିଷ୍ଠା ପାଇଁ ମାତୃ ଗର୍ଭରୁ ଜନ୍ମ ହୋଇ ଥାନ୍ତି। ତେଣୁ ସେ ସୃଜନ, ପ୍ରେମ ତଥା ଆଧ୍ୟାତ୍ମିକତାର ପ୍ରତୀକ ରୂପେ ଏହି ପଦ୍ମକୁ ଧାରଣ କରିଥିଲେ।

ପୁରାଣ ଅନୁସାରେ ଶ୍ରୀ ଲକ୍ଷ୍ମୀ ଏହି ପଦ୍ମ ଶ୍ରୀ ବିଷ୍ଣୁଙ୍କୁ ପ୍ରଦାନ କରିଥିଲେ। ଶ୍ରୀ ସୌନ୍ଦର୍ଯ୍ୟ, ସୁଖ, ସୌଭାଗ୍ୟ ଓ ଐଶ୍ୱର୍ଯ୍ୟର ଦେବୀ ଅଟନ୍ତି। ତେଣୁ ପଦ୍ମ ମାଧ୍ୟମରେ ଶ୍ରୀ ବିଷ୍ଣୁ ଐଶ୍ୱର୍ଯ୍ୟକୁ ଧାରଣ କରି ଥାନ୍ତି (ବୋଧହୁଏ ଅଷ୍ଟ ଅଣିମା ଦି) ଏବଂ ଅନୁଗତକୁ ମଧ୍ୟ ପ୍ରଦାନ କରିଥାନ୍ତି।

ଅନ୍ୟ ମତରେ ଶ୍ରୀ ବିଷ୍ଣୁ ନକ୍ର କବଳରେ ପଡ଼ି ଥିବା ହସ୍ତୀକୁ ଚକ୍ର ପେଶି ମୁକ୍ତ କରିବା ପରେ ଏହି ଗଜ ରାଜ ନିଜ ଶୁଣ୍ଢରେ ତୋଳିଥିବା ଏହି ପଦ୍ମଟି ତାଙ୍କୁ ପ୍ରଦାନ କରିଥିଲା।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ସେ ବି ସ୍ୱପ୍ନ ଦେଖେ

ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ବଣ ପାହାଡ ଘେରା
ସବୁଜିମାରେ ଭରପୁର
ଗାଁ'ଟିଏ, ଯେଉଁଠି ସୂରୁଜ ବୁଡ଼ିଲେ
ମାଡ଼ିଆସେ ଘନ ଅନ୍ଧାର ବିରାଟ
ଆଁ ଟାଏ କରି, ସତେକି ଗିଳିଦବ,
ଗାଁ'ର ସମଗ୍ର ଅସ୍ତିତ୍ୱକୁ
ସଭ୍ୟତାର ଉଜ୍ଜ୍ୱଳ ଆଲୋକ
କାହିଁ କେତେ ଦୂରେ ଆଖି ମିଟି ମିଟି
କରେ ଗାଁ ଆଡେ ଚାହିଁ
ମୁରୁକି ହସେ ପାଟିରେ ପିନ୍ଧା ପଣତକୁ ଦେଇ।

ସେଇ ଗାଁ'ର କୋଳରେ ମାଟିର ମହ ମହ
ବାସ୍ନାରେ ବିଭୋର ଝିଅଟିଏ
ନିଇତି ସ୍ୱପ୍ନ ଦେଖେ
ନୀଳ ଆକାଶର କାନଭାସରେ ଆଙ୍କିଦିଏ
ସାତରଙ୍ଗ ଇନ୍ଦ୍ରଧନୁ,
କାନ ଡେରି ଶୁଣେ
ବାଇଚଢ଼େଇର ଗୀତ
ପବନର ସାଇଁ ସାଇଁ ଶବ୍ଦ
ଝରଣାର କୁଳୁ କୁଳୁ ସୁର
ଫୁଲ ମାନଙ୍କର ଫୁସୁର୍ ଫାସର୍ କଥା
କୋଇଲିର ମିଠା ମିଠା ବୋଲି
ମନଖୋଲି ଗୀତ ଗାଏ, ଜୀବନର ଗୀତ।

ନୂଆଁଣିଆ ଚାଳ ଘର
ଲିପା ପୋଛା ଝାଟି ମାଟି
କାନ୍ଥରେ ଲେଖା ଷଠିଘର ଆଉ ତା ପାଖରେ
ଭୋକର ଭୂଗୋଳର ଚିତ୍ର,
ଘରର ଗୋଟିଏ କୋଣରେ
ବାସି ପଖାଳ ହାଣ୍ଡିଟିଏ
ବସିଥାଏ ତଳକୁ ମୁହଁ ପୋତି
ଆଉ ତା ପାଖରେ ଠିଆ ହୋଇଥାଏ
ବେଦନା ଭରା
ଯନ୍ତ୍ରଣାରେ ଜଡସଡ ବର୍ତ୍ତମାନ
ଝିଅଟି ସେଥିରୁ କଣ ବୁଝେ କେଜାଣି,
ଘଡ଼ିଏ ମନ ମାରି ବସେ, ତା ପର ମୁହୂର୍ତ୍ତକୁ
ସବୁ ଭୁଲିଯାଏ, ହସି ହସି ଦୌଡ଼ିଯାଏ
ଘରର ଦାଣ୍ଡ ଦୁଆର ଟପି,
ଅଗଣା ଟପି ଗାଁ ଦାଣ୍ଡକୁ
ଗାଁ ଦାଣ୍ଡର ପଥୁରିଆ ଆବଡା ଖାବଡା
ଧୂଳି ଧୂସରିଆ ରାସ୍ତାରେ ଦୌଡେ
ତା ଦୌଡା ସରେନି
ଦୌଡୁଥାଏ ସେମିତି ଦୌଡୁଥାଏ ।

ସେ ସ୍ୱପ୍ନ ଦେଖେ ଦିନର ସଫା ଆଲୁଅରେ
ସ୍ୱପ୍ନରେ ତା ଦେହରେ ଡେଣା ଲାଗେ
ଡେଣା ଝାଡି ସେ ଉଡିଯାଏ ଦୂରକୁ ଦୂରକୁ
ନୀଳ ଆକାଶ ଛାତିରେ,
ଜହ୍ନରେ ଲେଖିଦିଏ ନାଆଁ ତାର
ତାରାଙ୍କ ମେଳରେ ଲୁଚକାଳି ଖେଳେ
ସମୟର ଅନନ୍ତ ଛାତିରେ ଆଙ୍କିଦିଏ
ତାର ଲକ୍ଷ୍ମୀ ପାଦ,
ଆଉ ସେହି ପାଦରେ ଘସି ଘସି ଲିଭାଇ ଦିଏ
ଯେତେ ସବୁ ଲୁହ ଆଉ କୋହର କବିତା
ଯେତେ ସବୁ ଭେକ ଆଉ ଭୋକର କାହାଣୀ
ଯେତେ ସବୁ ଯନ୍ତ୍ରଣାର ଚାରୁ ଚିତ୍ରପଟ
ଏକାବେଳେ ପାଲଟିଯାଏ
ଅନବଦ୍ୟା ଅନୁପମା
ଆଉ ଅଲିଭା ଦୀପାଳିଟିଏ।

+ ମୁନିସିପାଲ ସରକାରୀ
ହାଇସ୍କୁଲ, କେନ୍ଦ୍ରାପଡ଼ା

ଭେଡ଼ିଆ

ଡ. ନଳିନୀ ବେହେରା

ତା ଆଖି ଦୁଇଟା
ଠିକ୍ ସୈତାନ୍ ର ଆଖି ପରି
ଲୋମଶ ଶରୀର
ବିଶାଳ ହାତ
ତୀକ୍ଷ୍ଣ ଧାରୁଆ ଦାନ୍

ପାରାଦୀପ ଇଫ୍‌କୋ ୟୁନିଟ ପକ୍ଷରୁ ସଲଫୁରିକ ଏସିଡ ପ୍ଲାଣ୍ଟ ଉଦ୍‌ଘାଟିତ

ପାରାଦୀପ, ୨୧/୨ (ନି.ପ୍ର): ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ଆଜି ସଲଫୁରିକ ଏସିଡ ପ୍ଲାଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଏସିଡ ପ୍ଲାଣ୍ଟ ବିଶ୍ୱର ଏକ ବୃହତ୍ତ ଦୁଇ ହଜାର ଟନ କ୍ଷମତା ବିଶିଷ୍ଟ ସଲଫୁରିକ ଏସିଡ ଉତ୍ପାଦନ କରିବାର କ୍ଷମତା ରହିଛି।ଏହା ରାଜ୍ୟ ସରକାରଙ୍କ ନିବେଶ ଓଡିଶା ଅଧୀନରେ କାର୍ଯ୍ୟ କରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆତ୍ମ ନିର୍ଭର ଭାରତ କାର୍ଯ୍ୟକ୍ରମ କୁ ଆଗେଇବା ଦିଗରେ ଏକ ପ୍ରମୁଖ ମାଇଲ ଖୁଣ୍ଟ ଅଟେ।ଏହି ଉଦଘାଟନୀ ଉତ୍ସବରେ ଇଫକୋ ର ପରିଚାଳନା ନିର୍ଦ୍ଦେଶକ ଡ଼ ୟୁ ଏସ ଆସୋସ୍ତି ଯୋଗଦେଇ ଏହି ପ୍ଲାଣ୍ଟ ର ଉତ୍ତମ ପରିଚାଳନା ପାଇଁ ଅନେକ ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। ଏହି ଐତିହାସିକ ଦିନରେ ଅନ୍ୟ ମାନଙ୍କ ମଧ୍ୟରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ଶ୍ରୀ ପିଏଲ ହାରନାଦ, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଡେପୁଟି ଡାଇରେକ୍ଟର (ଅଗ୍ନି ଓ ନିରାପତ୍ତା) ମନୋଜ ପଣ୍ଡା, ଅଂଚଳିକ ପରିବେଶ ବିଭାଗର ମୁଖ୍ୟ ପୁଷ୍କର ଚନ୍ଦ୍ର ବେହେରା, ଆସିଷ୍ଟାଣ୍ଟ ଡାଇରେକ୍ଟର (ଅଗ୍ନି ଓ ନିରାପତ୍ତା) ଚନ୍ଦ୍ରକାନ୍ତ ଦଳାଇ ଓ ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ କେଜେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ପଲସ ପୋଲିଓ ଟୀକାକାରଣ ନିମନ୍ତେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା, ୨୧/୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ମାସ ୩ ତାରିଖରେ ଆରମ୍ଭ ହେବାକୁ ଥିବା ପଲସ ପୋଲିଓ ଟୀକାକରଣ ନିମନ୍ତେ ଜିଲ୍ଲାପାଳ ପି. ଅନ୍ୱେଶା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଆଜି ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ନିହାରେନ୍ଦ୍ର ପଣ୍ଡା, ସି ଡି ଓ ଜିଲ୍ଲାପରିଷଦ ମଧୁଛନ୍ଦା ସାହୁ, ଡି ପି ଏଚ ଓ ଡଃ. ରାକେଶ ସାହୁ, ଡି.ଏମ ଓ ଡ ରଂଜନ ମିତ୍ର, ଏ ଡି ପି ଏଚ ଓ ଡଃ. ମୋନୋ ମାଝୀ, ଡି ଆଇ ପି ଆର୍ ଓ ମନୋଜ ବେହେରାଙ୍କ ସମେତ ଜିଲ୍ଲା ଏବଂ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ, ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ପରିବହନ ବିଭାଗ, ସମାଜ ମଙ୍ଗଳ ବିଭାଗ, ବିଦ୍ୟୁତ ବିଭାଗ, ସମାଜସେବୀ ସଂଗଠନର କର୍ମୀମାନେ ଯୋଗ ଦେଇଥିଲେ । ଭାରତ ବର୍ଷ ଆଜି ଏକ ପୋଲିଓ ମୁକ୍ତ ଦେଶ ଅଟେ, କିନ୍ତୁ କେତେକ ଦେଶରେ ଏବେବି ପୋଲିଓ ରୋଗୀ ଜନ୍ମ ହେଉଛନ୍ତି ତାହା କେବେ ବି ଆମ ଦେଶରେ ଦେଖାଦେଇପାରେ। ସମ୍ପୂର୍ଣ୍ଣ ପୋଲିଓ ନିରାକରଣ ପାଇଁ ଜିଲ୍ଲାରେ ମାର୍ଚ୍ଚ ମାସ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ୦ ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ସମସ୍ତ ବୁଥ ମାନଙ୍କରେ ମାର୍ଚ୍ଚ ୩ ତାରିଖ ଏବଂ ମୋବାଇଲ ଟିମ୍ ଓ ଘରକୁ ଘର ଯାଇ ଅଙ୍ଗନବାଡ଼ି କର୍ମୀ ଓ ନିୟୋଜିତ କର୍ମଚାରୀ ପୋଲିଓ ବୁନ୍ଦା ଖୁଆଇବା ପାଇଁ ଗସ୍ତ କରିବେ। ପ୍ରତ୍ୟେକ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା ଦିଆଯିବ। ଏହି ଅଭିଯାନର ବିଶେଷ ପ୍ରଚାର ପ୍ରସାର ପାଇଁ ଲିଫ୍ଲେଟ୍, ପୋଷ୍ଟର ସହ ଡ଼ାକବାଜି ଯନ୍ତ୍ର ଯୋଗେ ଘୋଷଣା, ବୁଥ ମାନଙ୍କରେ ସବିଶେଷ ବ୍ୟବସ୍ଥା, ଟୀକା ପରିବହନ ବ୍ୟବସ୍ଥା, ମନିଟରିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ଡବ୍ଲୁ ଏଚ ଓ ମେଡ଼ିକାଲ ଅଧିକାରୀ ଡଃ. ଶ୍ୟାମ ଆଡପା ପିପିଟି ମାଧ୍ୟମରେ ଗୃହରେ ସମସ୍ତ ବିଷୟରେ ତଥ୍ୟ ରଖିଥିଲେ ଓ ଜିଲ୍ଲାପାଳ ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ଆନ୍ତରିକ ସହଯୋଗକୁ ଗୁରୁତ୍ୱ ଦେଇଥିଲେ।

ଅଂଚଳର ବିକାଶ ପାଇଁ ରାଜନୈତିକ ପରିବାରବାଦକୁ ବିଲୋପ କରିବାକୁ ପଡ଼ିବ : ପ୍ରମୋଦ ମିଶ୍ର

ବଲାଙ୍ଗିର, ୨୧/୨ (ନି.ପ୍ର): ଏ ଅଂଚଳର ବିକାଶ ପାଇଁ ରାଜନୈତିକ ପରିବାରବାଦକୁ ବିଲୋପ କରିବାକୁ ପଡ଼ିବ ବୋଲି ଆଜି ବଲାଙ୍ଗିର ସାମ୍ବାଦିକ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି କୋଶଲ ରାଜ୍ୟ ସମନ୍ୱୟ କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର । ବଲାଙ୍ଗିର ଜିଲ୍ଲାର ରାଜନୈତିକ ପରିବାର ମାନେ ପୋଷ୍ଟର୍ ଯୁଦ୍ଧ ବନ୍ଦ କରନ୍ତୁ ବୋଲି କହିବା ସହ ଏ ଜିଲ୍ଲାର ରାଜନୈତିକ ପରିବାରମାନେ କେବଳ ନିଜର ପରିବାରର ପ୍ରତିପତି ଓ ସମ୍ପତିର ବିକାଶ କରିଛନ୍ତି ବୋଲି ଶ୍ରୀ ମିଶ୍ର ଖୋଲମ୍ ଖୋଲା କହିଛନ୍ତି । କୋଶଳ ଆନ୍ଦୋଳନକୁ ରାଜନୈତିକ ଲଂଚପେଡ଼୍ ହିସାବରେ ବ୍ୟବହାର କରୁଥିବା ଲୋକଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ମଧ୍ୟ କେଏସସିସି ଅଧ୍ୟକ୍ଷ ଶ୍ରୀ ମିଶ୍ର ଆହ୍ୱାନ କରିଛନ୍ତି । କୋଶଳ ଆନ୍ଦୋଳନ ପାଇଁ ସବୁ ରାଜନୈତିକ ଦଳ ସମାନ, ତେଣୁ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିସୀ ରୂପେ କାମ କରନ୍ତୁ ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି । ସେ କହିଛନ୍ତି ଯେ, କୋଶଳ ଅଂଚଳ ବିଶେଷ କରି ବଲାଙ୍ଗିର ଜିଲ୍ଲା ଓ ସୁବର୍ଣ୍ଣପୁର ଜିଲ୍ଲାରେ ଆବଶ୍ୟକୀୟ ବିକାଶ ହୋଇପାରିନାହିଁ । ଏଥିପାଇଁ ଏ ଅଂଚଳର ରାଜନୈତିକ ପରିବାରମାନେ ଦାୟୀ । ଗତ ୩ ଦଶନ୍ଧି ହେଲା ଅବିଭକ୍ତ ବଲାଙ୍ଗିର ଜିଲ୍ଲା ଉଗ୍ର ପରିବାରବାଦ ଦ୍ୱାରା କବଳିତ । ସବୁ ମୁଖ୍ୟ ରାଜନୈତିକ ଦଳମାନେ କିଛି ନିର୍ଦ୍ଦିଷ୍ଟ ରାଜନୈତିକ ପରିବାର ହାତରେ ବନ୍ଧା ପଡ଼ିଛନ୍ତି । ଗତ ୩ ଦଶକ ଧରି ଏହି ଉଭୟ ଜିଲ୍ଲାକୁ ଲୁଣ୍ଠନ କରି ସାରିବା ପରେ ପରିବାରର ମୁଖିଆମାନେ ନିଜ ନିଜ ପୁଅମାନଙ୍କୁ ଧରି ଭୋଟ୍ ବଜାରରେ ଲଢୁଥିବା ସେ କହିଛନ୍ତି । କେଏସସିସି ଅଧ୍ୟକ୍ଷ ଶ୍ରୀ ମିଶ୍ର କହିଛନ୍ତି ଯେ, ଏବେ ବଲାଙ୍ଗିରରେ ଫ୍ଲେକ୍ସ ବେନର୍ ଯୁଦ୍ଧ ଚାଲିଛି । ପୋଷ୍ଟର ମାଧ୍ୟମରେ କେଉଁ ରାଜନୈତିକ ପରିବାର କ'ଣ କରିଛନ୍ତି ତାହା ବଖାଣୁଛନ୍ତି । କିନ୍ତୁ, ବାସ୍ତବରେ ଏ ଅଂଚଳରେ ବିକାଶର ହାର ବହୁତ କମ୍ । ଏଥିରେ ନେତୃତ୍ୱର କିଛି ନାହିଁ । ଯଦି ଏହି ନେତାମାନେ ବାସ୍ତବରେ ବିକାଶ କରିଥାନ୍ତେ ତେବେ ଦେଓଗାଁର ଚିନିକଳ ବନ୍ଦ ହୋଇ ନଥାନ୍ତା, ଅବିଭକ୍ତ ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥାନ୍ତା ତଥା ବଲାଙ୍ଗିର ଜିଲ୍ଲାରେ ଦାଦନ ସମସ୍ୟା ସମାଧାନ ହେବା ସହ ଏ ଅଂଚଳରେ ମାନବ ସମ୍ବଳର ବିକାଶ ହୋଇଥାନ୍ତା । ଶେଷରେ ସେ କହିଛନ୍ତି କୋଶଳ ଆନ୍ଦୋଳନ ଏ ମାଟିର ଆନ୍ଦୋଳନ । ଏ ଅଂଚଳର ସବୁ ରାଜନୈତିକ ଦଳ ଏଥିରେ ସଂପୃକ୍ତ । କିନ୍ତୁ, ଏକଦା ଏହାକୁ ତୀବ୍ର ବିରୋଧ କରୁଥିବା ନେତାମାନେ ଏହାକୁ ଏବେ ଲଂଚପେଡ଼୍ ହିସାବାରେ ବ୍ୟବହାର କରିବାକୁ ଚାହୁଁଛନ୍ତି ।

ମା' ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ସମ୍ପୂର୍ଣ୍ଣ ନକ୍ସା ପରିବର୍ତ୍ତନ

ବଲାଙ୍ଗିର, ୨୧/୨ (ନି.ପ୍ର): ବଲାଙ୍ଗିର ରପାଟଣା ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ଉନ୍ନତିକରଣ ପାଇଁ ଗତ ୩ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ହୋଇଥିବା ବେଳେ ଫେବୃୟାରୀ ମାସ ୯ ତାରିଖ ରେ ଦେବୋତର ବିଭାଗ ଓ ପୁର୍ତ ବିଭାଗ ପୂଜାର୍ଚ୍ଚନା କରି ମାଁ ଙ୍କ ଆଜ୍ଞାମାଳ ଆଣି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମନ୍ଦିରର ସମ୍ପୁର୍ଣ୍ଣ ନକ୍ସା ପରିବର୍ତନ କରାଯାଇଛି ବୋଲି ପୂର୍ତ ବିଭାଗ ସୂଚନା ଦେଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଗେଟ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଦେବାଳୟ ସୁରକ୍ଷା କମିଟିକୁ ସୂଚନା ପ୍ରଦାନ କରିଛନ୍ତି । ପାଟଣେଶ୍ୱରୀ ମନ୍ଦିରକୁ ୧ କୋଟି ୧୨ ଲକ୍ଷ ଟଙ୍କା ଆସିଥିବା ବେଳେ ପିସିଏମ୍ ଇଂଟର ପ୍ରାଇଜେସ୍ ପ୍ରୋଜେକ୍ଟ ନିର୍ମାଣ ସଂସ୍ଥା ଦ୍ୱାରା କାର୍ଯ୍ୟ ଚାଲିଥିବା ବେଳେ ଯଜ୍ଞ ମଣ୍ଡପ, ଦୀପ ଘର, ରୋଷେଇ ଘର, ବେଢା ପରିକ୍ରମା ହେବା ସଙ୍ଗେ ଓ ମନ୍ଦିରର ସୌନ୍ଦର୍ଯ୍ୟକରଣ ହେବ ବୋଲି ସମ୍ପୁର୍ଣ୍ଣ ନକ୍ସାରେ ଉଲ୍ଲେଖ କରାଯାଇଛି ।

ଧର୍ମପରାୟଣ ମହିଳାଙ୍କ ପରଲୋକ: ଅଞ୍ଚଳରେ ଶୋକ

ନିଳଗିରି, ୨୧/୨ (ନି.ପ୍ର): ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ଶ୍ରୀଦେଇପୁରର ଧର୍ମପରାୟଣ ମହିଳା ସରସ୍ୱତୀ ପ୍ରଧାନଙ୍କ ଦେହାନ୍ତ ହୋଇଯାଇଛି। ମଙ୍ଗଳବାର ସକାଳେ ମୁଣ୍ଡ ବୁଲାଇବା ଓ ଛାତିରେ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସରସ୍ୱତୀ ପ୍ରଧାନ ଜଣେ ଅମାୟିକ, ଜନପ୍ରେମୀ, ସମାଜସେବୀ ଓ ଧର୍ମପ୍ରାଣ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ । ମୃତ୍ୟୁବେଳକୁ ସରସ୍ୱତୀଙ୍କ ଚାରି ପୁଅ ପ୍ରଶାନ୍ତ ପ୍ରଧାନ, ସୁଶାନ୍ତ ପ୍ରଧାନ, ବସନ୍ତ ପ୍ରଧାନ, ରମାକାନ୍ତ ପ୍ରଧାନ ଓ ଜ୍ୱାଇଁ ବଳରାମ ଭୂଇଁ, ଅକ୍ଷୟ ମହାପାତ୍ର, ସୁରେନ୍ଦ୍ର ପ୍ରଧାନଙ୍କ ସହ ଝିଅ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

ସେଲ୍-ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କାର୍ବନ ନିର୍ଗମନ ହ୍ରାସ ରଣନୀତି ଅନୁଯାୟୀ ମେସର୍ସ ପ୍ରାଇମେଟାଲ୍ ଟେକ୍ନୋଲୋଜି, ଅଷ୍ଟ୍ରିଆ ଜିଏମବିଏଚ ସହିତ ବୁଝାମଣା ପତ୍ର ସ୍ୱାକ୍ଷର

ରାଉରକେଲା, ୨୧/୨ (ନି.ପ୍ର): ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ସମନ୍ୱିତ ଇସ୍ପାତ କାରଖାନା ରାଉରକେଲା ଇସ୍ପାତ କାରଖାନା ନେଟ୍ କାର୍ବନ୍ ନିରପେକ୍ଷ ହେବା ପାଇଁ ପ୍ରଗତିଶୀଳ ରୂପେ ପରିବେଶ ଅନୁକୂଳ ଇସ୍ପାତ ନିର୍ମାଣ ଦିଗରେ ଏହାର ଡିକାର୍ବୋ ନାଇଜେସନ୍ ରଣନୀତି ଅନୁଯାୟୀ ମେସର୍ସ ପ୍ରାଇମେଟାଲ୍ ଟେକ୍ନୋଲୋଜି, ଅଷ୍ଟ୍ରିଆ, ଜିଏମବିଏଚ ସହିତ ଫେବୃଆରୀ ୨୦ ତାରିଖରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଉଲ୍ଲେଖଯୋଗ୍ୟ ଯେ ପରିବେଶ ଅନୁକୂଳ ଇସ୍ପାତ ଶିଳ୍ପରେ ରୂପାନ୍ତର ପାଇଁ ଧାତବ ଶିଳ୍ପକୁ ପରିବେଶ ଏବଂ ଶକ୍ତି ନିପୁଣ ସମାଧାନ ପ୍ରଦାନକାରୀଙ୍କ ମଧ୍ୟରେ ମେସର୍ସ ପ୍ରାଇମେଟାଲ୍ ଟେକ୍ନୋଲୋଜି ବଜାରରେ ଅଗ୍ରଣୀ ସ୍ଥାନ ବହନ କରେ। ସ୍କଟଲ୍ୟାଣ୍ଡ ଗ୍ଲାସଗୋ ସିଓପି-୨୬ ଶିଖର ସମ୍ମିଳନୀରେ ପ୍ରଦାନ କରାଯାଇଥିବା କାର୍ବନ ନିର୍ଗମନ ହ୍ରାସ ଲକ୍ଷ୍ୟ ସହିତ ଇସ୍ପାତ ନିର୍ମାଣ ପ୍ରକ୍ରିୟାର ଡିକାର୍ବୋ ନାଇଜେସନ୍ ପାଇଁ ରୂପରେଖ ପ୍ରସ୍ତୁତିରେ ଏହାର ପାରଦର୍ଶିତା ଆରଏସପିକୁ ସାହାଯ୍ୟ କରିବ।

କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୁର୍ଯ୍ୟବଂଶୀ ଆରଏସପି ତରଫରୁ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ପତ୍ରରେ ପ୍ରାଇମେଟାଲ ଟେକ୍ନୋଲୋଜି ଅଷ୍ଟ୍ରିଆ ଜିଏମବିଏଚ୍ ର କାର୍ଯ୍ୟନିର୍ବାହୀ ଭିପି (ବିକ୍ରୟ ଏବଂ ମାର୍କେଟିଂ) ଶ୍ରୀ ନୋବର୍ଟ ପିଟରମାୟର ଓ ଇଡି ଏବଂ ସିଇଓ ଶ୍ରୀ ହିଟୋସି କାୱାନୋଙ୍କ ସ୍ୱାକ୍ଷର ରହିଛି । ଇଡି (ୱାର୍କସ) କନଫରେନ୍ସ ରୁମରେ ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ନିଜର ଉଦବୋଧନରେ ଶ୍ରୀ ସୁର୍ଯ୍ୟବଂଶୀ କାର୍ବନ ନିର୍ଗମନକୁ ହ୍ରାସ କରିବା ଏବଂ ନେଟ୍ କାର୍ବନ ନିରପେକ୍ଷ ହେବା ପାଇଁ ଆରଏସପିର ଆନ୍ତରିକ ଉଦ୍ୟମ ଉପରେ ବର୍ଣ୍ଣନା କରିଥିଲେ। ସେ ମଧ୍ୟ ଆଶା ପ୍ରକଟ କରିଥିଲେ ଯେ ଏହି ଲକ୍ଷ୍ୟ ହାସଲ କରିବାରେ ପ୍ରାଇମେଟାଲ୍ ସହିତ ସହଭାଗିତା ଆରଏସପିକୁ ଅଗ୍ରସର କରାଇବ ।

ସବୁଜ ଇସ୍ପାତ ଉତ୍ପାଦନରେ ପରିବର୍ତ୍ତନ ପାଇଁ ସେଲ ଆରଏସପି ସହିତ ସହଭାଗିତାକୁ ନେଇ ନବର୍ଟ ପିଟରମାୟର୍ ଖୁସି ବ୍ୟକ୍ତ କରିଥିଲେ।

ଉକ୍ତ ସମାରୋହରେ ପ୍ରାଇମେଟାଲ୍ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ର ଭି.ପି ଏବଂ ଗ୍ରୀନ୍ ଷ୍ଟିଲର ମୁଖ୍ୟ ଶ୍ରୀ ବିଶ୍ୱଦୀପ ଭଟ୍ଟାଚାର୍ଜୀ ଏବଂ ଶ୍ରୀ ଇନ୍ଦ୍ରନିଲ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଶ୍ରୀ ନବର୍ଟ ପିଟରମାୟର୍, ସିନିୟର ଭିପି ଏବଂ ଗ୍ରୀନ୍ ଷ୍ଟିଲର ମୁଖ୍ୟ ଡକ୍ଟର ଆଲେକ୍ସଜାଣ୍ଡାର୍ ଫ୍ଲିସଚାର୍ଟ୍, ପ୍ରାଇମେଟାଲ୍ ଟେକ୍ନୋଲୋଜି, ଅଷ୍ଟ୍ରିଆ, ଜିଏମବିଏଚର ଆଞ୍ଚଳିକ ବିକ୍ରୟ ଅଧିକାରୀ ଶ୍ରୀ ମାର୍କସ୍ ବର୍ଗହୋଲଜର, ଇଡି ଏବଂ ସିଇଓ ଶ୍ରୀ ହିଟୋସି କାୱାନୋ, ଏବଂ ପ୍ରାଇମେଟାଲ୍ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ର ଭିପି ଓ ସିଓଓ ଶ୍ରୀ ଅରୁଣାଭା ବାନାର୍ଜୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମାରୋହରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମୁଖ୍ୟ ମହାପ୍ରବନ୍ଧକ ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ସିଜିଏମ ଇନ ଚାର୍ଜ ସର୍ଭିସେସ ଶ୍ରୀ ଏମଏନଭିଏସ ପ୍ରଭାକର ସମାବେଶକୁ ସ୍ୱାଗତ କରିଥିଲେ। ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ପି ସି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ସ୍ୱଚ୍ଛ ଇସ୍ପାତ ଉତ୍ପାଦନ ପାଇଁ କଞ୍ଚାମାଲ ପ୍ରସ୍ତୁତି, ହାଇଡ୍ରୋଜେନ୍-ଆଧାରିତ ଇସ୍ପାତ ଉତ୍ପାଦନ ଏବଂ ଅଙ୍ଗାରକାମ୍ଳ ମୁକ୍ତ ସ୍ଥାୟୀ ଇସ୍ପାତ ଉତ୍ପାଦନ, କାର୍ବନ୍ ପ୍ରତ୍ୟକ୍ଷ ଏଡାଇବା ଏବଂ ସ୍ମାର୍ଟ କାର୍ବନ ବ୍ୟବହାର, ଗ୍ୟାସ୍ ଚିକିତ୍ସା, ଇସ୍ପାତ ଶିଳ୍ପରେ ଡିଜିଟାଲାଇଜେସନ୍ ଉପରେ ଉନ୍ନତି ଆଣିବା, ଶକ୍ତି ଦକ୍ଷତା ଏବଂ କାର୍ବନ କ୍ୟାପଚର, ବ୍ୟବହାର, ସଂରକ୍ଷଣ ଏବଂ ଆନୁଷଙ୍ଗିକ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ସାଧନ ଦିଗରେ ସ୍ୱାକ୍ଷରିତ ବୁଝାମଣା ପତ୍ର ସହାୟକ ହେବ।

ଜିଲ୍ଲାସ୍ତରୀୟ ଦ୍ୱିତୀୟ ଦିନିକିଆ ମିନି ନିଯୁକ୍ତିମେଳା ଆୟୋଜିତ

ଭଦ୍ରକ , ୨୧/୨ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଭଦ୍ରକ ଜିଲ୍ଲା ସ୍ତରୀୟ ଦ୍ୱିତୀୟ ଦିନିକିଆ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରିଣୀ ଅନୀତା ନାୟକଙ୍କ ସଂଯୋଜନାରେ ଏହି ମେଳା ଆୟୋଜିତ ହୋଇଥିଲା। ପୂର୍ବରୁ ଗତ ଜାନୁୟାରୀ ୧୯ ତାରିଖରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରଥମ ମିନି ନିଯୁକ୍ତି ମେଳାରୁ ବଞ୍ଚିତ ଥିବା ସମସ୍ତ ନିଯୁକ୍ତି ଆଶାୟୀ ମାନେ ଏହି ମେଳାର ସୁଯୋଗ ନେଇ ପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଯୁବ ବେକାରୀମାନେ ଏହି ମେଳାରେ ଅଂଶ ଗ୍ରହଣ କରିଥିବା ନିଯୁକ୍ତି ଦାତା ମାନଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝି ପୂର୍ଣ୍ଣମାତ୍ରାରେ ତାର ସଦୁପଯୋଗ କରିବାକୁ ମଧ୍ୟ ସେ ପରାମର୍ଶ ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟକି ଏହି ମେଳାରେ ସମୁଦାୟ ୧୬ ଟି କମ୍ପାନୀ ନିଯୁକ୍ତି ଦାତା ଭାବେ ଯୋଗଦେଇ ନିଜ ନିଜ ଷ୍ଟଲ ଜରିଆରେ ପିଲାମାନଙ୍କୁ ସଂପୃକ୍ତ କମ୍ପାନୀର ସୁବିଧା ସୁଯୋଗ ଚାକିରୀ ସମ୍ବନ୍ଧରେ ବୁଝାଇଥିଲେ। ସମୁଦାୟ ୩୪୦ସଂଖ୍ୟକ ନିଯୁକ୍ତି ଆଶାୟୀ ଏହି ମେଳା ଜରିଆରେ ନିଯୁକ୍ତି ପାଇବା ଆଶାରେ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୧୧୪ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କୁ ସଂପୃକ୍ତ କମ୍ପାନୀ ମାନଙ୍କ ଜରିଆରେ ସୁବିଧାପ୍ରଦାନ ପାଇଁ ତାଲିକାଭୁକ୍ତ କରାଯାଇଛି ଏବଂ ୨୧ ଜଣ ତାଲିମ୍ ଗ୍ରହଣ ପାଇଁ ନାମ ପଞ୍ଜିକୃତ କରିଛନ୍ତି। ୩ଟି ତାଲିମ୍ ପ୍ରଦାନକାରୀ ସଂସ୍ଥା ଏଥିରେ

ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ

ଖୋର୍ଦ୍ଧା, ୨୧/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରଣାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ୟୁନିଟ - ୩ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓଡ଼ିଶା ସରକାରଙ୍କ ଏକ ଅଭିନବ କାର୍ଯ୍ୟକ୍ରମ । ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷାର୍ଥୀ, ଶିକ୍ଷକ, ଗ୍ରାମ ପଞ୍ଚାୟତ, ବିଦ୍ୟାଳୟ, ବ୍ଲକ, ଆଲୁମିନ୍, ଏସ୍‌ଏମ୍‌ସି, ବିଇଓ, ଜିଲ୍ଲାକୁ ପୁରସ୍କୃତ କରାଯାଇ ଅନ୍ୟମାନଙ୍କୁ ଅଭିପ୍ରେରିତ କରିବା ଏହାର ଲକ୍ଷ୍ୟ। ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ହାସଲ ନିମନ୍ତେ ସମଗ୍ର ଭାରତବର୍ଷରେ ଏହା ଅଦ୍ୱିତୀୟ କାର୍ଯ୍ୟକ୍ରମ । ଏହି ପୁରସ୍କାର ଅନ୍ତର୍ଗତ ଅଭିନବ କାର୍ଯ୍ୟ ପ୍ରଦର୍ଶନ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ଦେବା ସହ ସଫଳତାର ସହିତ ହାଇସ୍କୁଲ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରି ଆଗକୁ ବଢିବାରେ ସହାୟତା ଓ ଉତ୍ସାହ ଦେବା ଏହାର ଏକମାତ୍ର ଲକ୍ଷ୍ୟ । ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀମାନଙ୍କ ସର୍ବାଙ୍ଗୀନ ବିକାଶ କରିବା ଓ ଶିକ୍ଷାର୍ଥୀଙ୍କୁ ଭବିଷ୍ୟତ ମାର୍ଗଦର୍ଶନ କରିବାକୁ ପ୍ରେରଣା ଦେବା ପାଇଁ ଏହି ପୁରସ୍କାର ପ୍ରଚଳନ କରାଯାଇଛି । ଆମର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦିଗ୍‌ଦର୍ଶନ ଓ ଶିକ୍ଷାକୁ ଆଗକୁ ନେବା ପାଇଁ ତାଙ୍କର ସ୍ୱପ୍ନକୁ ସଫଳ ରୂପାୟନ କରିବା ପାଇଁ ଏହି ପୁରସ୍କାର ସହାୟକ ହେବ ଏଥିରେ ସନ୍ଦେହ ନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଗତ ଜାନୁଆରୀ ମାସ ୩୧ ତାରିଖରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଅନେକ ଅନୁଷ୍ଠାନ ଓ ସଫଳ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରିଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ୧୭୯୮ ଟି ପୁରସ୍କାର ପ୍ରଦାନ କରାଗଲା । ଏହି ପୁରସ୍କାର ବିତରଣ ଉତ୍ସବ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା କ୍ଷ ଉଦ୍ଘାଟନ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମସ୍ତ ପୁରସ୍କାରଧାରୀଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ଗୁମାନସିଂହ, ବେଗୁନିଆ ବିଧାୟକ ଶ୍ରୀ ରାଜେନ୍ଦ୍ର କୁମାର ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ଶ୍ରୀ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଶ୍ରୀ ଜିତେନ୍ଦ୍ରନାଥ ମିତ୍ର, ଜୟଦେବ ବିଧାୟକ ଶ୍ରୀ ଅରବିନ୍ଦ ଢ଼ାଲି ମାର୍ଗଦର୍ଶନ କରିବା ସହ ସ୍ୱାଗତ କରିଥିଲେ । ଅତିଥିମାନେ ପ୍ରତ୍ୟେକ ପୁରସ୍କାରଧାରୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ । ପୁରସ୍କାର ବାବଦରେ ନିର୍ଦ୍ଧାରିତ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ ପାଇଁ ଘୋଷଣା କରାଯାଇଥିଲା । ପରିଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁରସ୍କାର ନିଶ୍ଚିତ ଭାବେ ସଫଳ ଶିକ୍ଷାର୍ଥୀ, ବିଦ୍ୟାଳୟ, ଗ୍ରାମ ପଞ୍ଚାୟତ, ଏସ୍‌ଏମ୍‌ସି ପ୍ରଭୃତିକୁ ଅଧିକରୁ ଅଧିକ ଆଗେଇବା ପାଇଁ ପ୍ରେରଣା ଓ ଉତ୍ସାହ ଯୋଗାଇବ ।

ବିଶ୍ୱ ମାତୃଭାଷା ଦିବସ ପାଳିତ

ଭୁବନେଶ୍ୱର, ୨୧/୨ (ନି.ପ୍ର): ମା, ମାତୃଭୂମୀ ଓ ମାତୃଭାଷାକୁ ସୁରକ୍ଷା ନଯୋଗାଇଲେ ଆମଠାରୁ ହତଭାଗା କେହି ନାହିଁ ବୋଲି ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ପୁର୍ବତନ ପ୍ରଶାସକ ଡ.ରବି ନାରାୟଣ ସେନାପତି କହିଥିଲେ । ସୀତାବଲ୍ଲବ ମହାପାତ୍ର ଯୋଗଦେଇ ନିଜ ମାତୃଭାଷାରେ ଯିଏ ଯେତେ ପ୍ରଗାଢ ସେ ଅନ୍ୟଭାଷାକୁ ସେତେ ଶିଘ୍ର ଗ୍ରହଣ କରିପାରିବ ବୋଲି କହିଥିଲେ । ଉତ୍କଳ ସମ୍ମିଳନୀ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ ଓ ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଥମେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ନାଭଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର , ୨୧/୨ (ନି.ପ୍ର): ବାଲିଆପାଳ ବ୍ଲକ କାଳିପଦା ବଜାର ନାଭଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ବୁଧବାର ଓଡିଶା ଶିକ୍ଷା ବିକାଶ ସମିତି ଯୋଜନା ଆଧାରରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ତଥା ସମାଜସେବୀ ସୁମନ୍ତ କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡଃ ଘନଶ୍ୟାମ ବିଶ୍ୱାଳ ଯୋଗ ଦେଇଥିଲେ ଓ ଶିଶୁଭାରତୀର ଅଧକ୍ଷା ଅଷ୍ଟମ ଶ୍ରେଣୀରଛାତ୍ରୀ ଜୟଶ୍ରୀ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ ଉଦ୍ଘାଟନୀ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ପଣ୍ଡା ପରିଚୟ ପ୍ରଦାନ ସାଙ୍ଗକୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ବସନ୍ତ କୁମାର ସେନାପତି ଶିଶୁ ମାନଙ୍କୁ ମାର୍ଗଦର୍ଶନ କରିବା ସହିତ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଭୋଗରାଇ ଶଙ୍କୁଳ ପ୍ରମୁଖ ଶରତ କୁମାର ପରିଡ଼ା, ବିଦ୍ୟାଭାରତୀର ଲକ୍ଷ୍ୟ ଓ ଶିକ୍ଷା ବିକାଶ ସମିତିର ଯୋଜନା ଓ ଓଡିଶାର ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ। ପରେପରେ ପଶ୍ଚିମବଙ୍ଗର ଜଣେ ଶୁଭେଚ୍ଛୁ ସ୍ୱର୍ଗତ ପ୍ରଫେସର ଦେବାଶିଷ ମିଶ୍ରଙ୍କ ସ୍ମୃତି ପୁରସ୍କାର ରାଶି ବିଦ୍ୟାମନ୍ଦିର ସର୍ବୋତ୍ତମ ଛାତ୍ର ଛାତ୍ରୀ ଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀ ପରିଷଦର ସଭ୍ୟ ଦଶରଥ ରାଉତ ଏବଂ ରବୀନ୍ଦ୍ର କୁମାର ଦତ୍ତ ମାର୍ଗଦର୍ଶନ ଉପସ୍ଥିତ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଉତ୍ସାହ ଭରିଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଜେନା ଭାରତୀୟ ସଂସ୍କୃତିରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏକ ମାଇଲଖୁଣ୍ଟ ଉପରେ ମାର୍ଗଦର୍ଶନ କରିବା ସହିତ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଆଗାମୀ ଦିନରେ ଛାତ୍ର ଛାତ୍ରୀ ଙ୍କୁ ପ୍ରୋତ୍ସାହନ ରାଶି ପାଇଁ ସହଯୋଗ ର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଡଃ ବିଶ୍ୱାଳ ଛାତ୍ର ଛାତ୍ରୀ, ଅଭିଭାବକ ବନ୍ଧୁ ଭଗିନୀ, ଆଚାର୍ଯ୍ୟ ଆଚାର୍ଯ୍ୟା,ସେବକ ସେବୀକା ଓ ସମବେତ ଜନସାଧାରଣ ଙ୍କୁ ଉଦବୋଧନ ଦେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କାଳୀପଦା ନାଭଡାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇଥିଲେ। ସେବାବ୍ରତୀ ଙ୍କ ନିଷ୍ଠାପର ସେବାପାଇଁ ବ୍ୟକ୍ତିଗତ ଭାବେ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। କୋଷାଧକ୍ଷ - ଶିବକୁମାର ପିଳା କାର୍ଯ୍ୟକ୍ରମ ର ସୁ ପରିଚାଳନା କରିଥିଲାବେଳେ ବିଦ୍ୟାମନ୍ଦିର ର ଆଚାର୍ଯ୍ୟ ପ୍ରତିନିଧି ସୁରବାଳା ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ। ପରେପରେ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସର୍ବଶେଷରେ ସାମୂହିକ ବନ୍ଦେ ମାତରଂ ଗାନ କରାଯାଇଥିଲା।

ବେତନଟୀ ବ୍ଲକରେ ଚଳିତ ମେଟ୍ରିକ୍ ପରୀକ୍ଷାରେ ୧୪୮ ଜଣ ପରୀକ୍ଷାର୍ଥୀ ଅପୁପସ୍ଥିତ

ବେତନଟୀ , ୨୧/୨ (ନି.ପ୍ର): ସରକାର ବିଦ୍ୟାଳୟ କୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ, ପୋଷକ, ପାଠ୍ୟପୁସ୍ତକ, ଓ ଆଦିବାସୀ ହରିଜନ ପିଲାଙ୍କୁ ଷ୍ଟାଇପେଣ୍ଡ ଦେଉଥିବା ବେଳେ ନ୍ୟମ ଓ ଦଶମ ଶ୍ରେଣୀ ମାନଙ୍କୁ ସାଇକେଲ ସହତ କେତେକ ପିଲାଙ୍କୁ ଷ୍ଟାଇପେଣ୍ଡ ବାଳକ ଓ ବାଳିକା ମାନଙ୍କୁ ଛାତ୍ରାବାସ ଓ ଛାତ୍ରୀନିବାସ ମାଧ୍ୟମରେ ରଖି ଶିକ୍ଷାଦାନ କରାଉଛନ୍ତି। ଭଲ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପୁରସ୍କାର ଦିଆଯାଇ ପଢ଼ିବା ପାଇଁ ଉତ୍ସାହିତ କରାଯାଉଛି। ଏଭଳିକି ବିଦ୍ୟାଳୟ ରେ ଶିକ୍ଷୟତ୍ରୀ, ଶିକ୍ଷକ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପୁରସ୍କାର ମଧ୍ୟ ଦିଆଯାଉଛି। ଏଭଳି ସୁବିଧା ପରେ ମଧ୍ୟ ୧୪୮ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ନ ଦେବା କାରଣ ବୁଝା ପଡୁନାହିଁ। କୌଉ କାରଣ ପାଇଁ ପରୀକ୍ଷା ଦେଇପାରି ନାହାଁନ୍ତି ତାହା ଉଚ୍ଚ ପଦାଧିକାରୀ ତଦନ୍ତ କରିବା ଜରୁରୀ। ବେତନଟୀ ବ୍ଲକ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବେତନଟୀ ବ୍ଲକ ରେ ୧୪୮ ଜଣ ପରୀକ୍ଷାର୍ଥୀ ଏହି ବର୍ଷ ପରୀକ୍ଷା ଦେଇନାହାନ୍ତି । ସେକେଣ୍ଡାରୀ ବଡ କାର୍ଯ୍ୟଳୟ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷା ଆଜି ଆରମ୍ଭ ହୋଇଛି। ବେତନଟୀ ବ୍ଲକ ରେ ମୋଟ ୧୧ ଟି ଉଚ୍ଚ ବିଦ୍ୟାଳୟ ରେ ବଡ଼ ପକ୍ଷରୁ ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ୨୨୩୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା ମାତ୍ର ଏଥିମଧ୍ୟରୁ ୨୧୫୮ ଜଣ ପରୀକ୍ଷାର୍ଥୀ ଫର୍ମ ଫିଲପ୍ କରିଥିଲେ। ସେଥିମଧ୍ୟରୁ ୭୮ ଜଣ ପରୀକ୍ଷାର୍ଥୀ ଫର୍ମ ଫିଲପ୍ କରିନଥିଲେ। ଆଜି ପ୍ରଥମ ଦିନରେ ସାହିତ୍ୟ ରହିଥିବା ବେଳେ ପରୀକ୍ଷା ହଲ କୁ ୨୦୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ହଲ କୁ ପ୍ରବେଶ କରିଛନ୍ତି। ସେଥିମଧ୍ୟରୁ ୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ର ରେ ପ୍ରବେଶ କରିନଥିବା ଜଣାପଡିଛି। ମୋଟ ୨୨୩୬ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୭୮ ଜଣ ଫର୍ମ ଫିଲପ୍ ନ କରିବା ଓ ୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ହଲ ରେ ପ୍ରବେଶ ନ କରିବା ମିଶାଇ ୧୪୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ନ ଦେବା ବିଷୟରେ କିଛି ସୂଚନା ମିଳିପାରି ନାହିଁ।

OFFICE OF THE SUPERINTENDING ENGINEER
R.W. DIVISION: ANANDAPUR: SALAPADA: KEONJHAR

e-Procurement Notice for Building works Identification No.
On line-19/SERW/AND/2023-24
E-mailaddress: cerw_anandapur@yahoo.co.in
No. 1752// D. 19.02.2024//

1. Name of the work: Construction of Building works for the year 2023-24.
2. Total No. of works : 05 (Tweleve) No.(Percentage rate Tender)
3. Estimated cost : Approx. Estimate Cost Rs 1.96 lakhs to Rs 2.70 Lakhs.
4. Class of Contractor : Class 'C' & Class 'D'
5. Other Details.

Procurement Officer	Bid Identification No.	Availability of Tender on-line for bidding		Last Date & Time of Date & Time of seeking tender clarification	Date &Time of opening of tender :Office of the Executive Engineer, R.W. Division, Anandapur	Date & Place of receipt of bid cost & bid security
		From	To			
1	2	3	4	5	6	7
Superintending Engineer, R.W. Division, Anandapur	On line 19/ SERWAND 2023-24	21.02.2024 at 10.00 A.M.	28.02.2024 up to 5.00 P.M.	27.02.2024 up to 5.00 P.M.	01.03.2024 at 11.30 A.M.	The bidder shall transfer online the cost of bid and EMD in column No-4 & 6 in Annexure-I, respectively through a process as mention is DTCN.

Further details can be seen from the website www.tendersorissa.gov.in & www.tenders.ori.nic.in

OIPR: 25055/11/0022/2324

Sd/-
Superintending Engineer,
R.W. Division, Anandapur.

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ତାତିରୁ ମିଳିବ ...

ସେହିପରି ୨୫ ଓ ୨୬ ତାରିଖରେ ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାରେ କିଛି ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଜି ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା ରାଜଧାନୀ ଭୁବନେଶ୍ୱର। ଏଠାରେ ୩୬.୪ ଡିଗ୍ରୀ ରେକର୍ଡ଼ କରାଯାଇଛି। ଠିକ୍ ସେହିପରି ଟିଟିଲାଗଡ଼ରେ ୩୬ ଡିଗ୍ରୀ, ଭବାନୀପାଟଣାରେ ୩ ଡିଗ୍ରୀ, ଚାନ୍ଦବାଲିରେ ୩୫.୮ ଡିଗ୍ରୀ, ଭଦ୍ରକରେ ୩୫.୮ ଡିଗ୍ରୀ, ଝାରସୁଗୁଡ଼ାରେ ୩୫.୬ ଡିଗ୍ରୀ, ସୋନପୁରରେ ୩୫.୫ ଡିଗ୍ରୀ, ବୌଦ୍ଧରେ ୩୫.୫ ଡିଗ୍ରୀ, ନୟାଗଡ଼ରେ ୩୫.୪ ଡିଗ୍ରୀ, ବଲାଙ୍ଗିରରେ ୩୫.୪ ଡିଗ୍ରୀ, ଢେଙ୍କାନାଳରେ ୩୫.୨ ଡିଗ୍ରୀ, କଟକରେ ୩୫ ଡିଗ୍ରୀ, ଅନୁଗୋଳରେ ୩୫ ଡିଗ୍ରୀ, ମାଲକାନଗିରିରେ ୩୫ ଡିଗ୍ରୀ ଓ ତାଳଚେରରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ହିଟୱେଭ୍ ନେଇ ଆଗୁଆ ସତର୍କ କରାଇଲେ ଝଜଉ। ପ୍ରସ୍ତୁତ ରହିବାକୁ ସବୁ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହିଟ୍ ୱେଭକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। ହିଟ୍‌ୱେଭ ନେଇ ଜନସଚେତନତା କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। କ'ଣ କରିବା ଉଚିତ ଓ କ'ଣ ନ କରିବା ଉଚିତ ବୁଝାଇବାକୁ କହିଛନ୍ତି। ପାଣି ସମସ୍ୟା ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଚିଠିରେ ଉଲ୍ଲେଖ ରହିଛି।

ପଦ୍ମ ଧରିଲେ ପ୍ରଦୀପ...

ପରିବର୍ତ୍ତନର ସମୟ ଆସିଛି। ସୁଦୃଢ଼ ଓଡ଼ିଶା, ସୁଦୃଢ଼ ଭାରତ ଗଠନର କରିବାର ସମୟ ଆସିଛି। ଅନ୍ଧ ମୂକ ବଧିର, ଗର୍ବୀ, ଅହଙ୍କାରୀ ସରକାର ହଟାଇବା ଆବଶ୍ୟକ। ଏକଛତ୍ରବାଦୀ ସରକାର ହଟାଇ, ଲୋକତନ୍ତ୍ର ସରକାର ଆଣିବା ଦରକାର। ନବୀନଙ୍କୁ ହଟାଇ ଓଡ଼ିଆଙ୍କୁ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି। ଓଡ଼ିଶାବାସୀ ସବୁଦଳକୁ ସୁଯୋଗ ଦେଇଛନ୍ତି। ସେହିପରି ଭାବରେ ବିଜେପିକୁ ଥରଟିଏ ସୁଯୋଗ ଦିଅନ୍ତୁ। ନୂଆ ସରକାର ଆଣନ୍ତୁ। ଆଜି ଏକ ପବିତ୍ର ଦିନ। ମୁଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ବିଜେପିରେ ଯୋଗଦେଇଛି ବୋଲି ପ୍ରଦୀପ କହିଛନ୍ତି। କିପରି ଥିଲା ପ୍ରଦୀପଙ୍କର ଶଙ୍ଖରୁ ପଦ୍ମକୁ ଯାତ୍ରା: ଏକଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଖାସ୍, ବହୁତ ଘନିଷ୍ଠ ଓ ଅନୁଗତ ଥିଲେ ପ୍ରଦୀପ ପାଣିଗ୍ରାହୀ। ଏପରିକି ଯେଉଁ କେତେ ଜଣେ ଅନାୟାସରେ ନବୀନ ନିବାସରେ ପ୍ରବେଶ କରିପାରୁଥିଲେ କିମ୍ବା ଫୋନରେ ସିଧା ନବୀନଙ୍କ ସହିତ କଥା ହୋଇପାରୁଥିଲେ, ସେମାନଙ୍କ ଭିତରୁ ଜଣେ ଥିଲେ ପ୍ରଦୀପ ପାଣିଗ୍ରାହୀ। ଦକ୍ଷିଣ ଓଡ଼ିଶା ବିଶେଷ କରି ଗଂଜାମ ରାଜନୀତିରେ ତାଙ୍କର ଅଖଣ୍ଡ ପ୍ରଭାବ ଥିଲା। ଛାତ୍ର ରାଜନୀତିରୁ ସେ ଆସିଥିଲେ। ହିଂଜିଳିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମଧ୍ୟ ଥିଲେ। ୨୦୦୯ରୁ ଲଗାତର ୩ ଥର ଗୋପାଳରପୁର ବିଧାୟକ ହୋଇ ଆସୁଥିଲେ। ୨୦୧୪ରେ ନବୀନ ସରକାରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ମଧ୍ୟ ଥିଲେ। ୨୦୧୭ ଯାଏ ବିଭିନ୍ନ ବିଭାଗ ସମ୍ଭାଳିଥିଲେ। କିନ୍ତୁ କରୋନା ପରେ ପରେ ୨୦୧୯-୨୦ ପରେ ଦେଖା ଦେଇଥିଲା ଫାଟ। ପ୍ରଥମେ ତାଙ୍କ ଭାବୀ ସମୁଦି ଆଇଏଫଏସ୍ ଅଭୟ ପାଠକଙ୍କ ଘରେ ଭିଜିଲାନସ ରେଡ୍ ହେଲା। ଏପରିକି ଅଭୟ ଓ ତାଙ୍କ ପୁଅ ଆକାଶଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ଟାଟାରେ ଚାକିରି କରାଇ ଦେବାକୁ କହି ଆକାଶ ଟଙ୍କା ନେଇଥିବା କୁହାଯାଇଥିଲା। ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଏଥିରେ ସଂପୃକ୍ତଥିବାର ଅଭିଯୋଗ କରି ତାଙ୍କ ଉପରେ ମଧ୍ୟ ଭିଜିଲାନ୍ସ ରେଡ୍ ହୋଇଥିଲା। ୨୦୨୦ ଡିସେମ୍ବର ୩ ତାରିଖରେ କ୍ରାଇମବ୍ରାଞ୍ଚ ପ୍ରଦୀପ ପାଣିଗ୍ରାହୀଙ୍କୁ ଗିରଫ କରିଥିଲା। ଜେଲ୍ ଯାଇଥିଲେ ପ୍ରଦୀପ। ଭିଜିଲାନସ ରେଡ୍ ପରେ ନବୀନ ପଟ୍ଟନାୟକ ସରକାରର ଓ ପାଣ୍ଡିଆନଙ୍କ ଅନେକ ଗୁମର ଖୋଲି ଥିଲେ ପ୍ରଦୀପ। ୨୦୨୦ରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ୨୦୨୧ ଜୁନରେ ଜାମିନରେ ଆସିଥିଲେ ପ୍ରଦୀପ ପାଣିଗ୍ରାହୀ। ଏହା ପରେ ସେ କଣ କରିବେ, ତାକୁ ନେଇ ଅନେକ ଚର୍ଚ୍ଚା ହେଉଥିଲା। ଶେଷରେ ଠିକ୍ ୨୪ ନିର୍ବାଚନ ଆଗରୁ ପଦ୍ମ ଧରିଛନ୍ତି ପ୍ରଦୀପ ପାଣିଗ୍ରାହୀ।

ୟୁପିରେ କଂଗ୍ରେସକୁ ୧୭...

ବେଶ ଖୁସିର ସହ କହିବାକୁ ଚାହୁଁଛି ଯେ ଜାତୀୟ କଂଗ୍ରେସ ଉତ୍ତର ପ୍ରଦେଶର ୧୭ଟି ଆସନରେ ପ୍ରାର୍ଥୀ ଦେବ। ବାକି ୬୩ଟି ଆସନରେ

ଗୁରୁବାର, ଫେବୃଆରୀ ୨୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଝିଙ୍କିରିଆ ଓ କଇଥଗଡିଆ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

ଖଇରା, ୨୧/୨ (ନି.ପ୍ର): ଖଇରା ବ୍ଲକ ଅଧୀନ ଝିଙ୍କିରିଆ ଓ କଇଥଗଡିଆ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସଭା,ସମ୍ବର୍ଦ୍ଧନା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇ ଯାଇଛି । ଝିଙ୍କିରିଆ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାର ନିକଟରେ ବିଭିନ୍ନ ଯୋଜନାରେ ବଢାଇଥିବା ସହୟତା ରାଶି ଉପରେ ଆଲୋକପାତ କରି ଲୋକଙ୍କୁ ନିର୍ବାଚନ ପୁର୍ବରୁ ଦେଇଥିବା ପ୍ରତିଶୃତିକୁ ନବୀନ ବାବୁ ପୁରଣ କରି ସାଢେ ୪କୋଟି ଓଡିଆଙ୍କ ମୁହଁରେ ହସ ଫୁଟାଇଥିବା କଥା କହିଥିଲେ । ସରପଞ୍ଚ ନିତୁନିବେଦିତା ମାଝି,ସମିତିସଭ୍ୟା ରଶ୍ମିତା ଜେନା,ନୋଡାଲ ଅଧିକାରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ,ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଝିଙ୍କିରିଆ ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପ୍ରଧାନ,ସୁନାମଧନ୍ୟ ଶିକ୍ଷୟତ୍ରୀ ଆରତୀଲତା ମାଝି,ଡାକ୍ତର ଛାତ୍ରୀ ସୋନାଲୀ ପାତ୍ର ଓ ଛାତ୍ର ଇନ୍ଦ୍ରମଣି ମହାନ୍ତି,ଚାଷୀ ଭରତ ମଣ୍ଡଳ,ରମାକାନ୍ତ ପ୍ରଧାନ ଓ ପଦ୍ମଲୋଚନ ଉପାଧ୍ୟାୟ,କୈଳାସ ମହାକୁଡ,ସୁଶ୍ରୀ ପ୍ରତିମା ସୂତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାକ୍ତନ ସମିତିସଭ୍ୟ କୈଳାସ ମାଝୀ ମଞ୍ଚ ପରିଚାଳନା କରିଥିଲେ । ସେହିଭଳି କଇଥଗଡିଆ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଜ୍ୟୋତି ପ୍ରକାଶ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟ ଅତିଥି,ସରପଞ୍ଚ ଅନିତା ପାଇକରାୟ,ସମିତିସଭ୍ୟ ନରୋତ୍ତମ ମହିମା ଜେନା,ପ୍ରାକ୍ତନ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ ଓ ଉଦୟ ନାରାୟଣ ନାୟକ,ଏମବିକେ ପ୍ରଭାତୀ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍କର୍ଷତା ପ୍ରତିପାଦିତ କରିଥିବା ୬୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜୁନିୟର ପପୁ ପମ୍‌ପମ୍‌ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଜୟକେତନ ବିଦ୍ୟାଧର ସାହୁ ଓ ଅର୍ଜୁନ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ ।

ରାଜ୍ୟସ୍ତରୀୟ ସମାବେଶରେ ବାହାବଳପୁର ଏଏଫ୍‌ଓ ନଳିନୀକାନ୍ତ ଦାସଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୨୧/୨ (ନି.ପ୍ର): ମତ୍ସ୍ୟ ଅଧିକାରୀ ନଳିନୀକାନ୍ତ ଦାସ ଭୁବନେଶ୍ୱର ଜନତା ମଇଦାନରେ ଗତ ୧୭ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମାବେଶରେ ସମ୍ମାନିତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ବାହାବଳପୁରସ୍ଥିତ ମତ୍ସ୍ୟ ଅବତରଣ କେନ୍ଦ୍ରର ସହକାରୀ ମତ୍ସ୍ୟ ଅଧିକାରୀ ଅଟନ୍ତି । ସେ ଜଣେ ସୁଦକ୍ଷ ସରକାରୀ କର୍ମଚାରୀ ଅତି ନିପୁଣତାର ସହ ସମସ୍ତ ଅଫିସିଆଲି କାର୍ଯ୍ୟକ୍ରମକୁ ତୁଲାଇଥାନ୍ତି । ଭୁବନେଶ୍ୱରସ୍ଥିତ ଆୟୋଜିତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସର ସଂଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ଅଧିବେଶନରେ ପୌରୋହିତ୍ୟ କରିଥିଲେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ ଯୋଗୁଁ ମତ୍ସ୍ୟ ଅଧିକାରୀମାନଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ସୂଚନା ମିଳିଛି ।

ସାଂସଦଙ୍କ ଅନୁମୋଦନ କ୍ରମେ ଦିବ୍ୟାଙ୍ଗମାନଙ୍କୁ ଉପକରଣ ବିତରଣ

ବାସୁଦେବପୁର, ୨୧/୨ (ନି.ପ୍ର): ବାସୁଦେବପୁର ବ୍ଲକ ପରିସରରେ ଏ ଆଇ ଡି ପି ପକ୍ଷରୁ ଶାରୀରିକ ଭିନ୍ନ କ୍ଷମ ମାନଙ୍କୁ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସାଂସଦ ମଞ୍ଜୁଲତା ମଣ୍ଡଳ । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଙ୍କ ଅନୁମୋଦନ କ୍ରମେ ଏହି ବଣ୍ଟନ ଶିବିର ରେ ଟ୍ରାଇ ସାଇକେଲ, ଦୃଷ୍ଟି ବା ଦି ତ ଯନ୍ତ୍ର, ବ୍ୟାଟେରୀ ଚାଳିତ ଯା ନ ଓ ଅନ୍ୟାନ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ । ସମୁଦାୟ ୧୪୬ ଜଣଙ୍କୁ ଭିନ୍ନ କ୍ଷମ ଲୋକ ମାନଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା । ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଅତିଥି ଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହିତ ସଭା ପରିଚାଳନା କରିଥିଲେ ।

ଦାଦନ ଶ୍ରମିକଙ୍କ ଗ୍ରାମ ହାତୀ ମଣ୍ଡା

ଉଦଳା , ୨୧/୨ (ନି.ପ୍ର): ଉଦଳା ବ୍ଲକର କୋଚିଳାଡ଼ିହା ପଂଚାୟତ ଅନ୍ତର୍ଗତ ହାତୀମଣ୍ଡା ଗ୍ରାମଟି ଏବେ ଦାଦନ ଶ୍ରମିକଙ୍କ ଗ୍ରାମ ଭାବରେ ନିଜର ପରିଚୟ ସୃଷ୍ଟି କରିଛି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ କୌଣସି କାମଧନ୍ଦା ନପାଇ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ବାଧ୍ୟ ହେଉଥିବାର ଜଣାଯାଇଛି । ନିକଟରେ ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଏହି ଗ୍ରାମରେ ଆୟୋଜିତ ' ମୋ ଅଧିକାର' ସଭାରେ ଗ୍ରାମବାସୀ ମାନେ ଏ କଥା ମଂଚର କର୍ମି ମାନଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ । ଏପରିକି ୧୮ ବର୍ଷ ବୟସରୁ କମ୍ ବୟସର ଶିଶୁମାନେ ମଧ୍ୟ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିବାର କଥା ଗ୍ରାମବାସୀ ଜଣାଇଛନ୍ତି । ପ୍ରତି ପରିବାରକୁ ମିଳିଥିବା ଜବ୍ କାର୍ଡ଼ ଠିକାଦାରଙ୍କ ପାଖରେ ବନ୍ଧା ପଡ଼ିଛି, ଫଳରେ ଲୋକେ କାମଧନ୍ଦା ପାଉନଥିବାର ଗ୍ରାମବାସୀ ମାନେ କହିଛନ୍ତି । ଦାଦନ ଖଟିବାକୁ ଯାଉଥିବା କିଛି ଲୋକଙ୍କ ନାମ ପଚାରିବାରୁ ଲୋକେ - ସୁନାରାମ ହେମ୍ବ୍ରମ, ଗଣେଷ ହେମ୍ବ୍ରମ, ଦାମା ହେମ୍ବ୍ରମ, ଦୁଖୁ ହେମ୍ବ୍ରମ, ରସାନନ୍ଦ ବାସ୍କେ, ବଦେନ ବାସ୍କେ, ସୁକୁଲ ସୋରେନ, ରାଜେନ୍ଦ୍ର ସୋରେନ, ନାରଣା ହେମ୍ବ୍ରମ, ଚନ୍ଦ୍ରକାନ୍ତ ମାର୍ଣ୍ଡି, ଅନିଲ ମାର୍ଣ୍ଡି ଇତ୍ୟାଦି ୫୦ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ନାମ ଜଣାଇଥିଲେ ।

ନିରନ୍ତର ସମାଜ କଲ୍ୟାଣ ସେବା କାର୍ଯ୍ୟ କରି ଉଦାହରଣ ସୃଷ୍ଟି କଲା ଜ୍ୟୋତି ଲେଡିଜ କ୍ଲବ

ପାରାଦୀପ , ୨୧/୨ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ ର ଜ୍ୟୋତି ଲେଡିଜ କ୍ଲବ ପାରିପାର୍ଶ୍ୱିକ ଅଞ୍ଚଳରେ ବିଭିନ୍ନ ସାମାଜ ମଙ୍ଗଳ ଓ ବିକାଶ କାର୍ଯ୍ୟ କରିଆସୁଅଛି । ଇଫକୋ ର ପ୍ରଥମ ମହିଳା ରେଖା ଅଶ୍ୱିନି ଙ୍କ ବଳିଷ୍ଠ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଜ୍ୟୋତି ଲେଡିଜ କ୍ଲବ ବହୁ କଲ୍ୟାଣମୂଳକ କାର୍ଯ୍ୟ କରିଚାଲିଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ର ବାଲିଝରା ସ୍ଥିତ ଗଣପତି ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟ ପାଇଁ ଏକ ନୂତନ ଗୃହ କୁ ଶ୍ରୀମତୀ ଅଶ୍ୱିନି ଉଦଘାଟନ କରିଥିଲେ । ଏହି ଅବସରରେ ଜ୍ୟୋତି ଲେଡିଜ କ୍ଲବ ର ସଭାନେତ୍ରୀ ମମତା ପଟେଲ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ ଏବଂ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ନାରୀ ସଶସ୍ତ୍ରୀକରଣ ଓ ଆର୍ଥିକ ଆତ୍ମନିର୍ଭରଶିଳତା ପାଇଁ ସ୍ଥାନୀୟ ବେରୋଜଗାରୀ ମହିଳାମାନଙ୍କୁ ପେପର ପ୍ଲେଟ୍ ତିଆରି ମେସିନ୍ ଏବଂ ସିଲେଇ ମେସିନ୍ ପ୍ରଦାନ କରାଯାଇଥିଲା । ଏତଦବ୍ୟତୀତ ସ୍କୁଲ ପିଲାମାନଙ୍କୁ ସ୍କୁଲ କିଟ୍, ପାଣି ବୋତଲ, ଟିଫିନ୍ ବାକ୍ସ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଶ୍ରୀମତୀ ଅଶ୍ୱିନି ଜ୍ୟୋତି ଲେଡିଜ୍ କ୍ଲବ୍ ଦ୍ୱାରା କରାଯାଇଥିବା ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିଥିଲେ । ସୂଚନାଥାଉକି ବିଭିନ୍ନ ପ୍ରାକୃତିକ ଓ ଦୈବୀ ଦୁର୍ବିପାକ ସମୟରେ ଜ୍ୟୋତି ଲେଡିଜ କ୍ଲବ ସହଯୋଗ ଏବଂ ନିରବଚ୍ଛିନ୍ନ ଭାବେ ସମାଜର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ସାଧାରଣରେ ଉଦାହରଣ ସୃଷ୍ଟି କରିଛି ।

ଧର୍ମପରାୟଣ ମହିଳାଙ୍କ ପରଲୋକ

କମର୍ଦ୍ଦା,୨୧/୨(ନିପ୍ର) ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତି-୧ ଗ୍ରାମପଞ୍ଚାୟତ ଅଧିନ ସେହି ଗ୍ରାମର ସକୁନ୍ତଳା ଗିରି , ଆଜି (ବୁଧବାର)୬୫ ବର୍ଷ ବୟସରେ ପରଲୋକ ପ୍ରାପ୍ତି ଘଟିଛି । ସେ ଦିର୍ଘ ଦିନ ଧରି ସ୍ୱାସ ରୋଗରେ ପିଡ଼ିତ ଥିଲେ । ହଠାତ ଆଜି ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ବାଲେଶ୍ୱରକୁ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଚାରିପୁତ୍ର ଶିକ୍ଷକ ସଞ୍ଜୟ କୁମାର ଗିରି, ସୁଦୟଗିରି, ଅଜୟଗିରି, ଦିଗବିଜୟ ଗିରି , ଚାରି ପୁତ୍ରବଧୂ ନାତିନାତୁଣୀ, ବରିଷ୍ଠ ସାମ୍ବାଦିକ, କବି ସମାଜସେବୀ ସତ୍ୟ ଶିବଦାସ, ସରପଞ୍ଚ ଗୀତା ରାଣୀ ଜେନା, କବି ସୁକୁମାର ଦାସ, ଆଇନଜୀବୀ ରାଜକିଶୋର ଜେନା, ଯୁବନେତା ସୁବ୍ରତ ସାହୁ, ସାମ୍ବାଦିକ ରାଜକୁମାର ଜେନା, ସମାଜସେବି ସୁମନ୍ତ ଜେନା,ସମିତିସଭ୍ୟା ଅଞ୍ଜଳି ଜେନା, ସମାଜସେବୀ ଯୋଗେନ୍ଦ୍ରନାଥ ପାଳ, ବିଜୟ କୁମାର ସାହୁ, ପ୍ରଭୃତି ଶେଷ ଦର୍ଶନ କରିଥିଲେ । ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷି, ପରୋପକାରୀ ମହିଳା ଥିଲେ,ଜ୍ଞାତି କୁଟୁମ୍ବ ପରିବାର ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀମାନଙ୍କ ଦ୍ୱାରା ଗ୍ରାମ ମଶାଣୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା, ବଡ଼ପୁତ୍ର ଶିକ୍ଷକ ସଞ୍ଜୟ କୁମାର ଗିରି ମୁଖାଗ୍ନି ଦେଇଥିଲେ । ତାଙ୍କର ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ସୁକର ଛାୟା ଖୋଳିଯାଇଛି ।

ଜଳେଶ୍ୱରକୁ ଆସିଲା ପ୍ରଥମ ଲକ୍ଷ୍ମୀ ବସ୍ : ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ଜଳେଶ୍ୱର , ୨୧/୨ (ନି.ପ୍ର): ରାଜ୍ୟ ସରକାର ଲୋକଙ୍କ ଗମନା ଗମନ ସୁବିଧାଲାଗି ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଛନ୍ତି । ଆଜି ବାଲେଶ୍ୱର ଜିଲାର ଲକ୍ଷ୍ମୀବସ୍ ଯୋଜନାକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଏକ ବସ୍ ଆସି ପହଞ୍ଚିଛି । ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହି ବସ୍‌ରେ ବାଲେଶ୍ୱରରୁ ଆଜି ଜଳେଶ୍ୱର ହୋଣ୍ଡା ସୋ ରୁମ୍ ନିକଟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ଜିଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ, ନଗରପାଳ ପ୍ରତିପ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବିଡିଓ ପୁନମ ରାଉତ, ଅବଦୁଲ ଗନି, ବିଜୟ କାମିଳା, ଲେଲିନ୍ ପ୍ରଧାନ, କାଉନ୍‌ସିଲର ସୁରଜ ଚୌରାସିଆ, ସେକ୍ ସଇଫୁଦ୍ଦିନ, ସେକ୍ ଅବଦୁଲ ରହିମ୍, କେସ୍ କୌଶର ମହମ୍ମଦ, ସେକ୍ ଅବଦୁଲ ସତାର, ସେକ୍ ଅବଦୁଲ ମଜିଦ୍ ଓ ବହୁ କର୍ମୀ ଜନସାଧାରଣ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ମନ୍ତ୍ରୀ ଜୀବିକା ସହାୟତା ରାଶି ବଣ୍ଟନର ଶୁଭାରମ୍ଭ ସେକ୍‌ବାଡଠାରେ ଆରମ୍ଭ କରିଥିଲେ । ପରେ ବସ୍‌ଟି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବାପରେ ସେଠାରେ ମଧ୍ୟ ସ୍ୱାଗତ କରାଯାଇଥିଲା । ଜଳେଶ୍ୱର ବ୍ଲକରେ ଚାଲିବାକୁ ଥିବା ୪ଟି ବସ୍ ପର୍ଯ୍ୟାୟ କ୍ରମେ ଆସିବ ବୋଲି ସୂଚନା ଦିଆଯାଇଛି ।

ସାଂସଦ ଖେଳ ମହାକୁମ୍ଭ ଅନୁଷ୍ଠିତ



ବାଲିଆପାଳ , ୨୧/୨ (ନି.ପ୍ର): ସାଂସଦ ଖେଳ ମହାକୁମ୍ଭ କାର୍ଯ୍ୟକ୍ରମ ବୁଧବାର ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟ ର ବରିଷ୍ଠ ଅଧ୍ୟାପକ ଡଃ ସୁଶାନ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଭାଜପା ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା, ଭାଜପା ମହିଳା ମାର୍ଚ୍ଚ ଜିଲ୍ଲା ସାଧାରଣ ସମ୍ପାଦିକା ମାଳତୀ ନାୟକ,ଭାଜପା ବାଲିଆପାଳ ମଣ୍ଡଳ ସଭାପତି କାମଳ ଲୋଚନ ଦତ୍ତ,ଭାଜପା ଲଙ୍ଗଲେଶ୍ୱର୍ ମଣ୍ଡଳ ସଭାପତି ଗଗନ ସାହୁ, ପ୍ରଦୀପ ସି ଙ୍କ ସହିତ ବହୁ ଭଜପା ନେତା କାର୍ଯ୍ୟକ୍ରମରେ ଯୋଗ ଦେଇ ଉଦବୋଧନ ଦେଇ ଥିଲେ । କବାଡି ଖେଳ ରେ ୧୦ ଟି ଟିମ, ଭଲିବଲ ରେ ୮ଟି ଟିମ, ଖୁକୁ ଖଳରେ ୪ଟି ଟିମ ଭାଗ ନେଇଥିବା ବେଳେ, ଦୌଡ ପ୍ରତିଯୋଗୀତା ରେ୫୦ ରୁ ଅଧିକ ଜୁନିୟର ଓ ସିନିୟର ଛାତ୍ରୀ ଛାତ୍ର ଭାଗ ନେଇଥିଲେ । ଏହା ସହିତ କ୍ରିକେଟ ଖେଳ ଗୁରୁବାର ଠାରୁ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।ବାଲିଆପାଳ ବ୍ଲକ ସାଂସଦ ଖେଳ ମହାକୁମ୍ଭର ବ୍ଲକ କୋଡି ନେଟର ଦିଲ୍ଲୀପ ପାତ୍ରଙ୍କ ସହିତ ଅଜୟ ଜେନା, ସଞ୍ଜୟ ପରିଡ଼ା, ଲକ୍ଷ୍ମୀଧର ପ୍ରଧାନ, ଲମ୍ବୋଦର ଗିରି, ଗଜେନ୍ଦ୍ର ସାହୁ, ରଞ୍ଜନ କୁମାର ସାହୁ, ଖଗେନ୍ଦ୍ର ନାୟକ, କରୁଣାକର ଜେନା, ସୁଦାମ ଦାସ, ମହେଶ୍ୱର ଦାସ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

ଦଳର ପ୍ରତ୍ୟେକ ସଦସ୍ୟଙ୍କ ଅନନ୍ୟ ଗୁଣର ଏକୀକରଣ ଏବଂ ସମୁଦାୟିକ ଦକ୍ଷତାର ପୂର୍ଣ୍ଣ ଉପଯୋଗ ସଫଳତା ପାଇଁ ଅତ୍ୟାବଶ୍ୟକ

ରାଉରକେଲା, ୨୧/୨ (ନି.ପ୍ର): "ଦଳର ପ୍ରତ୍ୟେକ ସଦସ୍ୟଙ୍କ ଅନନ୍ୟ ଗୁଣର ଏକୀକରଣ ଏବଂ ସମୁଦାୟିକ ଦକ୍ଷତାର ପୂର୍ଣ୍ଣ ଉପଯୋଗ ସଫଳତା ପାଇଁ ଅତ୍ୟାବଶ୍ୟକ," ବୋଲି ଗୋପବନ୍ଧୁ ପ୍ରେକ୍ଷାଳୟରେ ଫେବୃଆରୀ ୨୧ ତାରିଖରେ ଅନୁଷ୍ଠିତ ୮୭୧ତମ ଗଣଯୋଗାଯୋଗ ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନା ସାମୁଦାୟିକଙ୍କୁ ଉଦବୋଧନ ଦେଇ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଉଲ୍ଲେଖ କରିଛନ୍ତି । ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ମଞ୍ଚାସୀନ ଥିଲେ । ଉକ୍ତ ଅଧିବେଶନରେ ଅର୍ଥ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ବହୁ ସିଜିଏମ୍ ଏବଂ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ଗ୍ରୁପ ଏଡ଼ି ମାଇନ୍ସ ସମେତ ଆରଏସପିର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଜଣ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । କାରଖାନାର ସାଂପ୍ରତିକ ପ୍ରଦର୍ଶନ ଉପରେ ଆଲୋକପାତ କରି ଡିଆଇସି କହିଥିଲେ ଯେ, "ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ଯଦିଓ ଆମର ସାମଗ୍ରିକ ପ୍ରଦର୍ଶନ ଉତ୍ସାହଜନକ ରହିଛି, କିନ୍ତୁ ଆମର ଲାଭାର୍ଜନରେ ବୃଦ୍ଧି ଆଣିବା ପାଇଁ ଆମକୁ ସମ୍ମିଳିତ ପ୍ରୟାସ ଓ ବିଭାଗଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟ ମାଧ୍ୟମରେ ଆମର କାର୍ଯ୍ୟନିପୁଣତାରେ ଅଧିକ ଉନ୍ନତି ଆଣିବାକୁ ହେବା।" ସେ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସୁରକ୍ଷା ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ କାରଖାନାର ସଦ୍ୟତମ ହସ୍ତକ୍ଷେପ ବିଷୟରେ କହିଥିଲେ । କମ ଏନଏସଆର ଏବଂ ଇନପୁଟ୍ ମୂଲ୍ୟ ବୃଦ୍ଧିର ମୁକାବିଲା ପାଇଁ ଉତ୍ପାଦନ ମୂଲ୍ୟ ହ୍ରାସ ଦିଗରେ କାର୍ଯ୍ୟ କରିବାକୁ ଏବଂ ଶୂନ୍ୟ ଦୁର୍ଘଟଣା, ଶୂନ୍ୟ ବ୍ରେକଡାଉନ୍ ଏବଂ ଶୂନ୍ୟ ଅପଚୟ ହାସଲ କରିବାକୁ ଲକ୍ଷ୍ୟ ରଖିବା ନିମନ୍ତେ ଡ଼ିଆଇସି ସାମୂହିକଙ୍କୁ ଆହ୍ୱାନ ଦେଇଥିଲେ । ତୀବ୍ର ପ୍ରତିଯୋଗିତାମୂଳକ ବଜାରରେ ଉଦୀୟମାନ ନୂତନ ବୃହତ ଉଦ୍‌ଯୋଗଗୁଡିକର ସମତୁଲ ହେବାର ଆବଶ୍ୟକତାକୁ ଦର୍ଶାଇ ଶ୍ରୀ ଭୌମିକ